## ସଂକ୍ଷେପରେ

### ଅପହୃତ ନାବାଳିକା ଉଦ୍ଧାର, ଅଭିଯୁକ୍ତ କୋର୍ଟ ଚାଲାଣ

ଜୟପାଟଣା, ୨୩।୯ (ଓମ୍ ପ୍ରକାଶ ବୈଠାରୁ): କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଜଣେ ଯୁବକ ଅପହରଣ କରିଥିବା ନେଇ ଜୟପାଟଣା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ ବେଳେ ଯୁବକ ଜଣକ କୋକସରା ଥାନା ଅନ୍ତର୍ଗତ ମଚାମାଲ ଗାଁର ଅଭିରାମ ରାଉତ ବୋଲି ଜଣାପଡିଥିଲା। ଏପରି କି ନାବାଳିକାଙ୍କୁ ଅଭିରାମ ହାଇଦ୍ରାବାଦରେ ରଖିଥିବା ପୋଲିସ ଜାଣିବାକୁ ପାଇଥିଲା।



ଏ ନେଇ କଳାହାଣ୍ଡି ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଏକ ୫ଜଣିଆ ପୋଲିସ ଟିମ ହାଇଦ୍ରାବାଦ ଯାଇ ନାବାଳିକାଙ୍କୁ ସୁରକ୍ଷିତ ଉଦ୍ଧାର କରିବା ସହ ସମ୍ପୃକ୍ତ ଯୁବକ ଅଭିରାମଙ୍କୁ ଧରି ଜୟପାଟଣା ଆଣିଥିଲେ। ଜୟପାଟଣା ଥାନାରେ ଏ ନେଇ ଏକ ମାମଲା (ନଂ.୨୧୯/୨୪) ରୁଜୁ ହୋଇଥିଲା। ଡାକ୍ତରୀ ମାଇନା ପରେ ପୋଲିସ ବିଏନ୍‌ଏସ୍ ୧୩୭(୨) ଧାରାରେ ଅଭିଯୁକ୍ତ ଅଭିରାମଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସବ୍‌ଇନ୍ସପେକ୍ଟର ବିନୟ ବାରା, କନେଷ୍ଟବଲ ନବୀନ ମାଝି, କବିତା ବିଶି, ଇତିଶ୍ରୀ ଛତ୍ରିଆ ପ୍ରମୁଖ ସାମିଲ ଥିଲେ।

### ସ୍କୁଟି-ବାଇକ୍ ଧକ୍କା: ଜଣଙ୍କର ମୃତ୍ୟୁ

କେସିଙ୍ଗା, ୨୩।୯ (ତୁମେଶ୍ୱର ସାହୁ)- କଳାହାଣ୍ଡି ଜିଲା କେସିଙ୍ଗା ସହରର ଇଣ୍ଡିଆନ ପେଟ୍ରୋଲ ପମ୍ପ ସମ୍ମୁଖରେ ସୋମବାର ଏକ ସ୍କୁଟି ଓ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କେସିଙ୍ଗା ବ୍ଲକ ଭମରମାଲ ଗ୍ରାମର ସ୍କୁଟି ଚାଳକ ବଳିରାମ ସାହୁ (୬୦)। ଗୁରୁତର ହୋଇଥିବା ବାଇକ୍ ଚାଳକ ଜୟପାଟଣା ଥାନା ସାନଟେମେରି ଗ୍ରାମର ଚନ୍ଦନ ସୁନାନୀ (୨୩)ଙ୍କୁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଜିଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଚନ୍ଦନ ତାଙ୍କର ଜଣେ ସମ୍ପର୍କୀୟଙ୍କୁ କେସିଙ୍ଗା ରେଳ ଷ୍ଟେସନରେ ଛାଡି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ପୋଲିସ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

### ବିଜେଡି ଛାଡିଲେ ପ୍ରଦୀପ ଦାସ

ଭବାନୀପାଟଣା, ୨୩।୯ (ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଭବାନୀପାଟଣାର ବରିଷ୍ଠ ନେତା ପ୍ରଦୀପ ଦାସ ମଙ୍ଗଳବାର ବିଜେଡି ଛାଡିଛନ୍ତି। ସେ ତାଙ୍କ ଇସ୍ତଫା ପତ୍ରକୁ ଜିଲା ସଭାପତିଙ୍କ ଜରିଆରେ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ପ୍ରେରଣ କରିଛନ୍ତି। ୨୦୦୮ରେ ପ୍ରଦୀପ ରାଜନୀତିରେ କ୍ୟାରିଅର ଆରମ୍ଭ କରି ଭବାନୀପାଟଣା ମ୍ୟୁନିସିପାଲଟି ୬ନଂ. ୱାର୍ଡରେ କାଉନସିଲର (ସ୍ୱାଧୀନ) ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ।



ଉକ୍ତ ବର୍ଷ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ ସୁଶାସନରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଇଥିଲେ। ଗତ ୧୫ବର୍ଷ ଧରି ସେ ନିଷ୍ଠାର ସହିତ କାର୍ଯ୍ୟ କରୁଥିଲେ ମଧ୍ୟ ଦଳ ପକ୍ଷରୁ ତାଙ୍କୁ କୌଣସି ସାଙ୍ଗଠନିକ ପଦ ପଦବୀରେ ଦାୟିତ୍ୱ ଦିଆଯାଇ ନ ଥିଲା। ଫଳରେ ସେ ଅସନ୍ତୋଷ ବ୍ୟକ୍ତ କରି ବିଜେଡି ଛାଡିଥିବା ପ୍ରକାଶ କରିଛନ୍ତି।

### ଛତୁଆ କେନ୍ଦ୍ର ପରିଦର୍ଶନ କଲେ ଉପଜିଲାପାଳ

କୋକସରା, ୨୩।୯ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ): ସାମବାର ଧର୍ମଗଡ ଉପଜିଲାପାଳ ଧୀମାନ ଚକମା କୋକସରା ବ୍ଲକରେ ଛତୁଆ ଯୋଗାଣ କରୁଥିବା ମା' ଲଙ୍କେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କାଉଡୋଳାରେ ଥିବା ଛତୁଆ ପ୍ରସ୍ତୁତ କେନ୍ଦ୍ର ପରିଦର୍ଶନ କରି ଛତୁଆରେ ମିଶାଯାଉଥିବା ଖାଦ୍ୟ ସାମଗ୍ରୀ ନିରୀକ୍ଷଣ କରିଥିଲେ। ତେବେ ତାଙ୍କ ଗସ୍ତ ସମୟରେ କୋକସରା ସିଡିପିଓ ଅନୁପସ୍ଥିତ ଥିବାରୁ ଉପସ୍ଥିତ ଥିବା ସୁପରଭାଇଜର ଦ୍ରୌପଦି ମାଝି ଓ ପ୍ରଭାସିନୀ ତାଣ୍ଡିଙ୍କୁ ସିଡିପିଓ କାହିଁକି ଅନୁପସ୍ଥିତ ଅଛନ୍ତି ବୋଲି ପ୍ରଶ୍ନ କରିଥିଲେ।

# ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟିର ଧାରଣା

ନୂଆପଡ଼ା, ୨୩।୯ (ମକାରୁ ବେମାଲ)



ଧାରଣାରେ ସାମିଲ ହୋଇଥିବା କମିଟି କର୍ମକର୍ତ୍ତା।

ଅନୁସୂଚିତ ଜନଜାତି ଓ ଅନ୍ୟ ପାରମ୍ପରିକ ବନବାସୀଙ୍କ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ-୨୦୦୬, ସଂଶୋଧିତ ନିୟମ ୨୦୧୨ ଓ ମୋ ଜଙ୍ଗଲ ଜମି ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ଦାବିରେ ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟି ନୂଆପଡ଼ା ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। କମିଟି ରାଜ୍ୟ ଆବାହକ ମେଘନାଦ ଖର୍ସେଲଙ୍କ ନେତୃତ୍ୱରେ ଜିଲାର ୫ ବ୍ଲକ୍‌ର କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୧୨ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଜିଲା ସ୍ତରରେ ଯାହା ସମ୍ଭବ ତାହା ପୂରଣ କରାଯିବ ଓ ଅନ୍ୟ ଦାବି ସମ୍ପର୍କରେ ସରକାରଙ୍କୁ ଜଣାଇଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ପ୍ରମୁଖ ଦାବି ମଧ୍ୟରେ ଜଙ୍ଗଲ ଅଧିକାର ଆଇନର ଠିକ୍ କାର୍ଯ୍ୟାନ୍ୱୟନ ପାଇଁ

**ବନବାସୀଙ୍କ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ କାର୍ଯ୍ୟକାରୀ ଦାବି**

ପଦକ୍ଷେପ ଗ୍ରହଣ, ମୋ ଜଙ୍ଗଲ ଜମି ଯୋଜନାରେ ହେଉଥିବା ତ୍ରୁଟିସଂଶୋଧନ, ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଜଙ୍ଗଲ ଜମିରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଧିକାର, ପାରମ୍ପରିକ ବନବାସୀଙ୍କୁ ବ୍ୟକ୍ତିଗତ ଅଧିକାର ପ୍ରଦାନ, ଗୋଷ୍ଠୀ ବନ ସମ୍ବଳ ସଂରକ୍ଷଣ, ପରିଚାଳନା ଓ ସ୍ଥାୟୀ ବ୍ୟବହାର ପାଇଁ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ପକ୍ଷରୁ ୨୦୨୩ ସେପ୍ଟେମ୍ବର ୧୨ରେ ପ୍ରକାଶ ପାଇଥିବା ମାର୍ଗଦର୍ଶିକା ଅନୁଯାୟୀ ପରିଚାଳନା କମିଟି ଗଠନ, ଗ୍ରାମ୍ୟ ଜଙ୍ଗଲଯୋଗ୍ୟ କିସମ ଜମିର ତୁରନ୍ତ ପଟ୍ଟା ପ୍ରଦାନ ଆଦି ଅନ୍ୟତମ। ଏହି ଆନ୍ଦୋଳନକୁ ଆଦିବାସୀ କଲ୍ୟାଣ ସଂଘ ସଭାପତି ଘାସିରାମ ମାଝି, ହରି ମାଝି ପ୍ରମୁଖ ସମର୍ଥନ କରିଥିଲେ। ଧାରଣାରେ ଜିଲା ଆବାହକ ହୀରାଲାଲ ମାଝି, ବୋଡେନ ବ୍ଲକ୍ ସଭାପତି ଯୁଧିଷ୍ଠିର ମାଝି, ସିନାପାଲି ସଭାପତି ହନୁରାମ ମାଝି, ଖଡିଆଳ ସଭାପତି ଚନ୍ଦ୍ର ମାଝି, ନୂଆପଡ଼ା ବ୍ଲକ ସଭାପତି ଓଙ୍କାର ସିଂ ମାଝି, ଲକ୍ଷ୍ମଣ ମାଝି, ନେପାଲ ମାଝି, ମହେନ୍ଦ୍ର ମାଝି ପ୍ରମୁଖ ସାମିଲ ଥିଲେ।

# ମେହେର ଯୁବାମଞ୍ଚର ନୂଆଁଖାଇ ଭେଟ୍‌ଘାଟ୍

ସିନାପାଲି, ୨୩।୯ (ମନଫୁଲ ମେହେର)

ସ୍ଥାନୀୟ ମେହେର ଯୁବାମଞ୍ଚ ତରଫରୁ ରବିବାର ନୂଆଁଖାଇ ଭେଟଘାଟ 'ମଙ୍ଗାଶାଲ'ଅନୁଷ୍ଠିତ ହୋଇଛି। ମଣ୍ଡିପଡ଼ାଠାରେ ଯୁବାମଞ୍ଚ ସଭାପତି ଆଲୋକ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ଅତିଥି ଭାବରେ ମେହେର ସମାଜ ଉପଦେଷ୍ଟା ଡମ୍ବରୁଧର ମେହେର ଓ ମୁଖ୍ୟବକ୍ତା ଭାବରେ ନୂଆପଡ଼ା ଜିଲା ମେହେର ଯୁବାମଞ୍ଚ ଉପଦେଷ୍ଟା ବୈଷ୍ଣବ ମେହେର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ରାଜ୍ୟ ମେହେର ସମାଜର ସମ୍ପାଦକ ନବୀନ ଚନ୍ଦ୍ର ମେହେର, ଜିଲା ସମ୍ପାଦକ ଝରେ ମେହେର, ଯୁବା ମଞ୍ଚ ମହିଳା ପ୍ରତିନିଧି ଭାର୍ଗବୀ ମେହେର ଉପସ୍ଥିତ ଥିଲେ। ମଙ୍ଗାଶାଲ ନାଁରେ ଏହି ଭେଟ୍‌ଘାଟ ଭୁଲିଆ ଜାତିର ଅସ୍ମିତାର ପରିଚୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ଶେଷରେ ପ୍ରଭାତ କୁମାର ମେହେର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସଭା ପରେ ଏସ୍‌ଏସ୍‌କେପି ସହଯୋଗରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁରୀ ନାଟକ 'ଭିନେ' ମୁଖ୍ୟ ଆକର୍ଷଣ ଥିଲା। କାର୍ଯ୍ୟକ୍ରମରେ ମେହେର ସମାଜର ଶତାଧିକ ମହିଳାପୁରୁଷ ଯୋଗ ଦେଇଥିଲେ।



ସାଂସ୍କୃତିକ କାର୍ଯ୍ୟକ୍ରମରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଅଗ୍ନି ଭୈରବ ଦେବଙ୍କ ଝାମୁଯାତ୍ରା


ଝାମୁଯାତ୍ରାର ଦୃଶ୍ୟ।

ଥୁଆମୂଳ ରାମପୁର, ୨୩।୯ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ମା' ମାଣିକେଶ୍ୱରୀ ଦେବୀ ଓ ବାବା ଅଗ୍ନି ଭୈରବ ଦେବଙ୍କ ପୀଠରେ ସୋମବାର ଝାମୁଯାତ୍ରା (ବାଲିଯାତ୍ରା) ଅନୁଷ୍ଠିତ ହୋଇଯାଇଛି। ଗତ ୧୫ ତାରିଖ ଦ୍ୱାଦଶୀ ତିଥିରେ ୯ଗୋଟି ବାଉଁଶ ଟାଙ୍ଗିଡିରେ ବାଲି କଢାଯାଇ ୯ ପ୍ରକାର ଶସ୍ୟକୁ ବାବା ଭୈରବ ଦେବଙ୍କ କାଳିଶିଙ୍କ ଦ୍ୱାରା ରୋପଣ କରାଯାଇଥିଲା। ଏହାର ୫ ଦିନ ପରେ ଭୈରବ ଦେବ ନଗର ପରିକ୍ରମା କରି କଣ୍ଟା ଗାଦିଆରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପରିଶେଷରେ ପୂର୍ବରୁ ପ୍ରସ୍ତୁତ ଅଗ୍ନି କୁଣ୍ଡରେ ପ୍ରବେଶ କରି ପରୀକ୍ଷା ଦେଇ ଭକ୍ତଙ୍କ ବିଶ୍ୱାସ ଜିଣିଥିଲେ। ଏହିଅବସରରେ ପୂଜା କମିଟି ଭକ୍ତଙ୍କ ମନୋରଞ୍ଜନ ପାଇଁ ଘୁମୁରା ପ୍ରତିଯୋଗିତା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୈରବ କାଳିସୀ ପାଇଁ ଯୁବକ ଲାଲ ପରିଛା ଓ ମା' ମାଣିକେଶ୍ୱରୀ କାଳିସୀ ଭାବରେ ଶରତ ଚନ୍ଦ୍ର ପୂଜାରୀ ଭକ୍ତଙ୍କୁ ଦର୍ଶନ ଦେବେ। ମୁଖ୍ୟ ପୂଜକ ତାପସ ରାୟଗୁରୁ, ମନ୍ଦିର ପୂଜକ ଅଶୋକ କୁମାର ମୁଣ୍ଡ, ମା' ଠାକୁରାଣୀ ପୂଜାରୀ ଡମ୍ବରୁଧର ପୂଜାରୀ, ରାମ ହରି ବହୁକ, ଗୌରଚନ୍ଦ୍ର ମୁଣ୍ଡଛିନା ପ୍ରମୁଖ ପୂଜା ଦାୟିତ୍ୱ ତୁଲାଉଛନ୍ତି।

### ବ୍ଲକ୍‌ସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

କୋମନା, ୨୩।୯ (ସୋବିନ ଛତ୍ରିଆ): ନୂଆପଡ଼ା ଜିଲା କୋମନା ବ୍ଲକ ଶ୍ରୀଜଗନ୍ନାଥ ଉଚ୍ଚବିଦ୍ୟାଳୟ ଟିକ୍ରାପଡ଼ାଠାରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଡିଲୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତ୍ରିଲୋଚନ ନାଗ, ବ୍ଲକ୍ ସାଇନ୍ସ ଫୋରମ ସଭାପତି ଅଶୋକ କୁମାର ମିଶ୍ର, ଗୌର ଚନ୍ଦ୍ର ରଣା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଞ୍ଜିତ ସିଂ ଦଣ୍ଡସେନା, ଶିକ୍ଷକ ନଗେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଆଲୋଚନାଚକ୍ରରେ କୋମନା ବ୍ଲକ୍‌ର ୩୦ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ମନୋରଞ୍ଜନ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ନଗେନ୍ଦ୍ର ନାଥ ପଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ।

### ଯାଦବ ସମାଜର କାର୍ଯ୍ୟକାରିଣୀ ବୈଠକ

କୋମନା, ୨୩।୯ (ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ ଗନିଆରୀଠାରେ ଜିଲା ଯାଦବ ସମାଜର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଭରତ ଲାଲ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉତ୍କଳ ଯାଦବ ସମାଜର ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ମୁଖ୍ୟ ଅତିଥି ଓ ଜିଲା ଯାଦବ ସମାଜର ପୂର୍ବତନ ସଭାପତି ହରେରାମ କଠାର, ଉତ୍କଳ ଯାଦବ ମହାସଭା ଉପଦେଷ୍ଟା ରାମଲାଲ ହଂସ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଯାଦବ ସମାଜ ପଞ୍ଜୀକରଣକୁ ୨୫ବର୍ଷ ପୂରିଥିବାରୁ ରୌପ୍ୟ ଜୟନ୍ତୀ ପାଳନ ଓ ସମାଜର ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା। ଜିଲା ଯାଦବ ସମାଜ ସାଧାରଣ ସମ୍ପାଦକ ତ୍ରିନାଥ ପୁଞ୍ଜି, କାର୍ଯ୍ୟକାରୀ ସଭାପତି ତ୍ରିଲୋଚନ ନାଗ, ଉପସଭାପତି କିଶୋର କଠାର, ସମ୍ପାଦକ ବିଷ୍ଣୁପତି ବାଗ, କୋମନା ବ୍ଲକ ସଭାପତି ତାରାଚନ ଥପା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରବାସୀ ଶ୍ରମିକ ସଚେତନତା ଶିବିର

ଖଡ଼ିଆଳ, ୨୩।୯ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଡୁଆଝର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖମତରାଇ ଗ୍ରାମରେ ଗ୍ରାମସ୍ତରୀୟ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମଧୁସୂଦନ ଦାସ ଅଧ୍ୟକ୍ଷତାକରି କାର୍ଯ୍ୟ ଅନ୍ୱେଷଣରେ ଗ୍ରାମବାସୀ ରାଜ୍ୟ ବାହାରକୁ ନ ଯିବାକୁ ଆହ୍ୱାନ କରିଥିଲେ। ଗ୍ରାମରେ କାର୍ଯ୍ୟ ଯୋଗାଣ ସହ ବିଭିନ୍ନ ବ୍ୟାଙ୍କ ସହ ସଂଯୋଗ ସ୍ଥାପନକରି ଆତ୍ମନିର୍ଭରଶୀଳ କରିବାକୁ ସଚେତନ କରିଛନ୍ତି। ସଭାରେ ଜିଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଏସ୍‌ପି ଜିଆର୍ ରାଘବେନ୍ଦ୍ର, ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଲିଡ୍‌ବ୍ୟାଙ୍କ ପ୍ରବନ୍ଧକ ସୀତାରାମ ମେହେର, ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର କୁମାର ବରାଳ, ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡ. ଧରଣୀଧର ସେନାପତି, ସିଡିପିଓ ମୀନ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ଉପରେ ଅବଗତ କରିଥିଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ସ୍ୱାସ୍ଥ୍ୟ ଶିବିର



କଲମପୁର, ୨୩।୯ (ଗଣେଶରାମ ବାଗ)

କଳାହାଣ୍ଡି ଜିଲା କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ସୋମବାର ଆୟୁଷ୍ମାନ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସାସ୍ଥ୍ୟ କେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାଶିଷ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଭବାନୀପାଟଣା ରେଣ୍ଡୋ ମାଝି ମେଡ଼ିକାଲ କଲେଜ ଓ ହସ୍ପିଟାଲର ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ସୀମା ବିଶ୍ୱାଳ ଯୋଗଦେଇ ଗର୍ଭବତୀ ମହିଳା, ପ୍ରସୁତୀ ଓ କିଶୋରୀ ବାଳିକାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ମୋଟ ୨୫୯ ଜଣ ରୋଗୀଙ୍କ ଚିକିତ୍ସା କରାଯାଇ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା। ସୂଚନାଯୋଗ୍ୟ ପ୍ରତ୍ୟେକ ମାସର ଚତୁର୍ଥ ସୋମବାର ଆୟୁଷ୍ମାନ ସାସ୍ଥ୍ୟ ଶିବିର କଲମପୁର ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରଠାରେ ଅନୁଷ୍ଠିତ ହେଉଛି। ସୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ସିଏଚ୍‌ଓ ଶୁଭଶ୍ରୀ ନାୟକ, ବିଜୟଲକ୍ଷ୍ମୀ ସେନାପତି, ପଦ୍ମାବତୀ ନାଗ, ବେବି ଛତ୍ରିଆ, ଲିଲି ନାଗ, ସ୍ୱାସ୍ଥ୍ୟକର୍ମୀ ବସନ୍ତ ନିଆଲ ପ୍ରମୁଖ ରୋଗୀଙ୍କ ନାମ ପଞ୍ଜୀକରଣ କାର୍ଯ୍ୟ ତୁଲାଇଥିଲେ। ଡା. ମୃତ୍ୟୁଞ୍ଜୟ ମହାନ୍ତି, ଡା. ଦୃତିକ୍ରିଷ୍ଣା ମାଝି, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ହେମନ୍ତ କୁମାର ସଗଡିଆ, ବିପିଏମ୍ ପ୍ରଶାନ୍ତ କୁମାର ପାଢ଼ୀ, ଏଲ୍‌ଏଚ୍‌ବି ଲଳିତା ମିଞ୍ଜ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# କଳାହାଣ୍ଡିକୁ ୩ ସ୍ୱର୍ଣ୍ଣ, ୨ ରୌପ୍ୟ, ୧ କାଂସ୍ୟ ପଦକ

ଲାଞ୍ଜିଗଡ଼, ୨୩।୯ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ୨ ଜଣ ତୀରନ୍ଦାଜୀ ପ୍ରତିଯୋଗୀ ୩ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ କାଂସ୍ୟ ପଦକ ହାସଲ କରିଛନ୍ତି। ଛତିଶଗଡ଼ ଦୁର୍ଗ ଅଞ୍ଚଳର ରୁଙ୍ଗ୍‌ଟା ଡିଏଭି ପବ୍ଲିକ୍ ସ୍କୁଲରେ ଗତ ସେପ୍ଟେମ୍ବର ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ସିବିଏସ୍‌ଇ ଜୋନ୍‌ସ୍ତରୀୟ ତୀରନ୍ଦାଜୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର

**ଛତିଶଗଡ଼ ଦୁର୍ଗଠାରେ ଜୋନ୍‌ସ୍ତରୀୟ ତୀରନ୍ଦାଜୀ ପ୍ରତିଯୋଗିତା**

୨ ପ୍ରତିଯୋଗୀ ଅଂଶଗ୍ରହଣ କରି ୩ ସ୍ୱର୍ଣ୍ଣ, ୨ ରୌପ୍ୟ, ୧ଟି କାଂସ୍ୟ ପଦକ ହାସଲକରି କଳାହାଣ୍ଡି ଜିଲା ପାଇଁ ଗୌରବ ଆଣିଛନ୍ତି। ୧୭ ବର୍ଷରୁ କମ୍ ଇଣ୍ଡିଏନ ରାଉଣ୍ଡରେ କ୍ଷୀରୋଦ କୁମାର ୩୦ ମିଟର, ୪୦ ମିଟର ଓ ଓଭରାଲରେ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ୧୪ ବର୍ଷରୁ କମ୍ ବର୍ଗରେ ରିକର୍ଭ ରାଉଣ୍ଡରେ ଓମ୍‌କାର ମାଝି ୬୦ ମିଟରରେ ୧ ରୌପ୍ୟ, ୧ କାଂସ୍ୟ ଓ ଓଭରାଲରେ ୧ ରୌପ୍ୟ ପଦକ ହାସଲ କରିଛନ୍ତି। ତୀରନ୍ଦାଜୀ କୋଚ ସୀମାଞ୍ଚଳ କାଡ଼ରକା ଓ ଟିମ୍ ମ୍ୟାନେଜର ଗଜାଧର ପଟେଲଙ୍କ ନେତୃତ୍ୱରେ ଏହି ୨ ପ୍ରତିଯୋଗୀ ଜୋନ୍‌ସ୍ତରୀୟ ପ୍ରତିଯୋଗିତାରେ ଭାଗନେଇଥିଲେ। ଏହି କୃତିତ୍ୱ ପାଇଁ ଡିଏଭି ଅନ୍ତର୍ଜାତୀୟ ବିଦ୍ୟାଳୟର ଅଧ୍ୟକ୍ଷ ସଦାନନ୍ଦ ହୋତା, ଖେଳ ଶିକ୍ଷକ ଦୁଷ୍ମନ୍ତ ମାଝିଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଖେଳାଳି ଓ କୋଚଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଖଡ଼ିଆଳ, ୨୩।୯ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଜିଲାପାଳ ମଧୁସୂଦନ ଦାସଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମୋଟ ୫୯ ଅଭିଯୋଗ ମଧ୍ୟରୁ ୫୧ଟି ବ୍ୟକ୍ତିଗତ ଓ ୮ଟି ଗୋଷ୍ଠୀଗତ ରହିଥିଲା। ଏହାର ସମାଧାନ ପାଇଁ ଜିଲପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସୁନାରି ଶିକୁଆଁ ଗ୍ରାମର ଜଣେ ବ୍ୟକ୍ତିଙ୍କ ଗୋଟିଏ କିଡ୍‌ନୀ କଢ଼ାଯାଇଥିବା ବେଳେ ତାଙ୍କ ପରିବାର ପ୍ରତିପୋଷଣ ପାଇଁ ଜିଲାପାଳ ୫ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଶିବିରରେ ଏସ୍‌ପି ଜିଆର୍ ରାଘବେନ୍ଦ୍ର, ଜିଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ-ଜିଲାପାଳ ଯୋଗେନ୍ଦ୍ର ମାଝି, ଖଡିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାଁ, ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ଧରଣୀଧର ସେନାପତି, ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ଖଡିଆଳ ବିଡ଼ିଓ ନରସିଂହ ଗଡବା ପ୍ରମୁଖ ଉପସ୍ଥିତ ଥିଲେ।


ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ।

# ଜିଲାପାଳଙ୍କ ଜନ ଶୁଣାଣି: ୧୦୮ ଅଭିଯୋଗ ପଞ୍ଜୀକୃତ

କୋକସରା, ୨୩।୯ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)



ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି ଜିଲାପାଳ।

କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର କୋକସରା ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ସ୍ନେହାପ୍ରଭା ମାଝିଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଧର୍ମଗଡ଼ ଉପ ଜିଲାପାଳ ଧୀମାନ ଚକମା, କଳାହାଣ୍ଡି ଏସ୍‌ପି ଅଭିଲାଷ ଜି, ସିଡିଓ ଦୟାମୟ ପାଢ଼ୀ, କୋକସରା ତହସିଲଦାର ନବୀନ କିଶୋର ପାଢ଼ୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ ୧୦୮ ଅଭିଯୋଗ ଉପରେ ଜିଲାପାଳ ଶୁଣାଣି କରିଥିଲେ। ସାହାଜଖୋଲ ବନ ସୁରକ୍ଷା କମିଟି ପକ୍ଷରୁ ଜଙ୍ଗଲ ସୁରକ୍ଷା, ସଂରକ୍ଷିତ ଜଙ୍ଗଲରେ ବସତି ସ୍ଥାପନ କରିଥିବା ଲୋକଙ୍କୁ ଉଚ୍ଛେଦ, ଜଙ୍ଗଲ ମଧ୍ୟରେ ମକାଚାଷ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଥିଲା। ସେହିପରି କୋକସରା ସିଏଚ୍‌ସିରେ ଶିଶୁ ରୋଗ ବିଶେଷଜ୍ଞ ଓ ମେଡ଼ିସିନ ସ୍ପେଶାଲିଷ୍ଟ ଡାକ୍ତର ନିଯୁକ୍ତି, ବସ୍‌ଷ୍ଟାଣ୍ଡ କାର୍ଯ୍ୟ ତ୍ୱରାନ୍ୱିତ କରିବା, ମହିମା ପଞ୍ଚାୟତ ମାଲପଡା ଗ୍ରାମର ବନ୍ଦ ଥିବା ପ୍ରାଥମିକ ବିଦ୍ୟାଳୟକୁ ପୁନର୍ବାର ଖୋଲିବା ଆଦି ଅଭିଯୋଗ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ଜିପିଇଓ ବିରଞ୍ଚି ଖର୍ସେଲ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, କନିଷ୍ଠ ଯନ୍ତ୍ରୀ କୀର୍ତ୍ତି ବେହେରା, ଅଜୟ ସେନାପତି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ପଥରେଲରେ ପୋଷଣ ମାସ

**ପାଇକମାଲ,୨୩।୯(ବଡ ଶତପଥି):** ବରଗଡ଼ ଜିଲା ପାଇକମାଲ ଝିଁକି ପଞ୍ଚାୟତ ପଥରେଲ ଗ୍ରାମରେ ମହାଶକ୍ତି ଫାଉଣ୍ଡେଶନ, ଏଲଟିଆଇମାଇଣ୍ଡ, ତ୍ରି ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ସୋମବାର ପୋଷଣ ମାସ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସୁପରଭାଇଜର ଜତନି ହରିଜନ, ନାଏକ ସରପଞ୍ଚ ପୁନେ ଧରୁଆ ତଥା ଝିଁକି, ମୁନେଇକେଲ, ପଥରେଲ ଓ ଖଲିଆମୁଣ୍ଡା ଗ୍ରାମର ତଥା ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଓଏଲଏମ, ଗର୍ଭବତୀ ମହିଳା, ପ୍ରସୂତି ମା' ଓ କିଶୋରୀ ବାଳିକାମାନେ ଯୋଗଦେଇଥିଲେ। ଏହି ଉତ୍ସବରେ ମହାଶକ୍ତି ଫାଉଣ୍ଡେଶନ ତରଫରୁ ସ୍ୱାସ୍ଥ୍ୟ ଓ ପୋଷଣ ବିଭାଗ ପକ୍ଷରୁ ପୂର୍ବତନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ପ୍ରଜ୍ଞାରାଣୀ ବାରିକ, ପାଇକମାଲ ବ୍ଲକ ସଂଯୋଜକ ହାରାଧନ ବରିହା ଓ ଅଜିତ କୁମାର ପୁଟା, ପବିତ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଗର୍ଭବତୀ ମହିଳା ଓ ପ୍ରସୂତୀ ମା' ଓ କିଶୋରୀ ବାଳିକାମାନେ କିପରି ଭାବେ ନିଜ ସ୍ୱାସ୍ଥ୍ୟପ୍ରତି ପୋଷଣ ଖାଦ୍ୟ ଖାଇପାରିବେ, ଖାଦ୍ୟର ବିବିଧତା ବୃଦ୍ଧି କରିପାରିବେ, ନିଜ ସ୍ୱାସ୍ଥ୍ୟର ବିଶେଷ ମହତ୍ତ୍ୱ ଉଦାହରଣ ସହ ସ୍ୱାସ୍ଥ୍ୟ ବିଶେଷଜ୍ଞ ପ୍ରଜ୍ଞାରାଣୀ ବାରିକ ବିସ୍ତୃତଭାବେ ସମସ୍ତ ମହିଳାଙ୍କୁ ବୁଝାଇଥିଲେ।

### ପଞ୍ଚାୟତ ସମିତି ସ୍ନାତକ କଲେଜରେ ନୂତନ ଶିକ୍ଷାନୀତି କାର୍ଯ୍ୟକ୍ରମ

**ଝାରବନ୍ଧ,୨୩।୯(ଦେବେନ୍ଦ୍ର ସାହୁ):** ଝାରବନ୍ଧ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷଠାରେ ନୂତନ ଶିକ୍ଷାନୀତି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ନୂତନ ଶିକ୍ଷାନୀତି ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିବା ପାଇଁ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ଅଧ୍ୟକ୍ଷତାରେ ଅଧ୍ୟାପକ ସାର୍ତ୍ତିକ ସାହୁ ଓ ଅଧ୍ୟାପକ ଡ. ଖ୍ୟାତିମୟ ତ୍ରିପାଠୀ ଛାତ୍ରୀଛାତ୍ରଙ୍କୁ ନୂତନ ଶିକ୍ଷାନୀତି ଉପରେ ଆବଶ୍ୟକୀୟ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ସହିତ ପରିବର୍ତ୍ତିତ ଶିକ୍ଷା ବ୍ୟବସ୍ଥାରେ ନୂତନ ପାଠ୍ୟ ଖସଡ଼ା ଉପରେ ଆଲୋକପାତ କରିଥିଲେ।



ସୋମବାର ବରଗଡ଼ ଜିଲାସ୍ତରୀୟ ସଂସ୍କୃତ ଦିବସ ପାଳନ କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ସଂସ୍କୃତିକୁ ସଂସ୍କୃତ ସୁଦୃଢ଼ କରେ

**ବରଗଡ଼,୨୩।୯(ପ୍ରେମାନନ୍ଦ ଖମାରୀ)**

ଭାରତୀୟ ସଂସ୍କୃତି ବିଶ୍ୱବନ୍ଦନୀୟ ସଂସ୍କୃତି। ସଂସ୍କୃତ ଭାଷା ବିନା ସଂସ୍କୃତି ଅସମ୍ପୂର୍ଣ୍ଣ। ସଂସ୍କୃତ ଭାଷା ଆମ ସଂସ୍କୃତିକୁ ସୁଦୃଢ଼ କରେ। ତେଣୁ ସଂସ୍କୃତ ଭାଷାର ସୁରକ୍ଷା ଆମ ସମସ୍ତଙ୍କ ପରମ କର୍ତ୍ତବ୍ୟ ବୋଲି ବରଗଡ଼ ଜିଲାସ୍ତରୀୟ ସଂସ୍କୃତ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମତବ୍ୟକ୍ତ କରିଛନ୍ତି। ସଂଘ ସଭାପତି ସୁରେଶ ଚୌହାନଙ୍କ ଅଧ୍ୟକ୍ଷତା ଓ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ଯୁଗ୍ମ ସମ୍ପାଦକ ପଣ୍ଡିତ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବରଗଡ଼ ବିଧାୟକ ଅଶିନୀ ଷଡ଼ଙ୍ଗୀ ଯୋଗଦେଇ ସଂସ୍କୃତ ଭାଷାର ସୁରକ୍ଷା ଓ ସଂସ୍କୃତ ଶିକ୍ଷକମାନଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଉଲ୍ଲେଖ କରିଥିଲେ। ଉଭୟ ଏମ୍‌ପି ଓ ବିଧାୟକ ବରଗଡ଼ ଜିଲାରେ ଏକ ସଂସ୍କୃତ ଶିକ୍ଷକ ଭବନ ନିର୍ମାଣ ପାଇଁ ଆର୍ଥିକ ସହାୟତା ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଶ୍ରୀ ସଦାଶିବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ


କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଅଭିଭାଷଣ ଦେଉଛନ୍ତି।

#### ସଂସ୍କୃତ ମହୋତ୍ସବରେ ମତ ପ୍ରକାଶ

ପୁରୀର ପ୍ରାଧ୍ୟାପକ ଡଃ ସୁଶାନ୍ତ ରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତ ଭାଷାର ବ୍ୟବହାରିକ ଦିଗ ଉପରେ ଆଲୋକପାତ କରିଥିଲେ। ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ବରଗଡ଼ ବ୍ଲକ ଶିକ୍ଷାଧିକାରୀ ଡଃ ସୁରେନ୍ଦ୍ର ସାହୁ, ବିଜୟପଲ୍ଲୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ବଦ୍ରି ନାରାୟଣ ପୂଝାରୀ, ଅଧ୍ୟାପକ ହରିଶ୍ଚନ୍ଦ୍ର ହୋତା, ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ, ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ସମ୍ପାଦକ ଅଗସ୍ତି ପ୍ରଧାନ ବାର୍ଷିକ ବିବରଣୀ ଉପସ୍ଥାପନ କରି ସଂସ୍କୃତ ଶିକ୍ଷକଙ୍କ କ୍ୟାଡର ସମସ୍ୟାର ସମାଧାନ ଓ ତୃତୀୟ ଭାଷା ସଂସ୍କୃତର ବିକଳ୍ପ ଆଇ.ଟି କରା ନ ଯାଉ ବୋଲି ଦାବି ଜଣାଇଥିଲେ।

ଏହି ଅବସରରେ ଜିଲାରୁ ଅବସର ଗ୍ରହଣ କରିଥିବା ୩ଜଣ ସଂସ୍କୃତ ପଣ୍ଡିତ ପୂର୍ଣ୍ଣାନନ୍ଦ ଭୋଇ, ସୁନିଲ ଦାସ ଓ ଗିରିଧାରୀ ଯୋଶୀଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମାଟ୍ରିକ ପରୀକ୍ଷାରେ ସଂସ୍କୃତ ବିଷୟରେ ଶତ ପ୍ରତିଶତ ମାର୍କ ରଖିଥିବା ଛାତ୍ରୀ ସ୍ୱରୂପା ଷଡ଼ଙ୍ଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁଧୀର ରଥଙ୍କ ସଂଯୋଜନାରେ ସରଣ୍ଡାପାଲି ଓ ଲରାସରା ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂସ୍କୃତ ନୃତ୍ୟ ଓ ସିଲେଟ ପଞ୍ଚାୟତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂସ୍କୃତ ନାଟିକା ପରିବେଷଣ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ପାଇକମାଳ ବ୍ଲକ ସଂସ୍କୃତ ପଣ୍ଡିତ ରମାଇ ଚରଣ ଦାଶଙ୍କୁ ସର୍ବସମ୍ମତି କ୍ରମେ ଜିଲା ସଭାପତି ଘୋଷଣା କରାଯାଇଥିଲା। ବୃନ୍ଦାବନ ଠେଠୁଆର, ଅଶୋକ ସାହୁ, ସଞ୍ଜିତ ପ୍ରଧାନ, ଧୋବା ସାହୁ, ନିଗମାନନ୍ଦ ମିଶ୍ର, କିରଣ ବିଶାଳ, ଲିଙ୍ଗରାଜ ସାହୁଙ୍କ ସମେତ ସମସ୍ତ ବ୍ଲକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଉପସଭାପତି ଦୟାସାଗର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜବୋଡାସମ୍ବର କୃଷକ ସଙ୍ଗଠନର ନୂଆଁଖାଇ ଭେଟ୍‌ଘାଟ୍

**ପଦ୍ମପୁର,୨୩।୯(ପ୍ରଦୀପ୍ତ ଦାଶ)**

ଦେବଦର୍ହା ଧବଳେଶ୍ୱର ପୀଠରେ ରାଜବୋଡା ସମ୍ବର କୃଷକ ସଙ୍ଗଠନର ନୂଆଁଖାଇ ଭେଟଘାଟ ଆୟୋଜିତ ହୋଇଯାଇଛି। ଏଥିରେ ଝାରବନ୍ଧ, ପାଇକମାଲ, ପଦ୍ମପୁର, ଗାଇସିଲେଟ, ବିଜେପୁର, ଅତାବିରା, ଭେଡେନ, ଭଟଲି, ଅମ୍ବାଭୋନା ଓ ଅନ୍ୟାନ୍ୟ ବ୍ଲକରୁ ଚାଷୀ ପ୍ରତିନିଧି ଯୋଗଦେଇଥିଲେ। କୃଷକ ସଙ୍ଗଠନର ସଭାପତି ବାଞ୍ଛାନିଧି ନାୟକଙ୍କ ଅଧ୍ୟକ୍ଷତାରେ ପରିଚାଳିତ ସଭାରେ ଉପଦେଷ୍ଟା ଉତ୍ପନ୍ନ ଭୋଇ, ରମେଶ ମହାପାତ୍ର, ଅଶୋକ ସାହୁ, ଆଇନ ପରାମର୍ଶଦାତା ଅଜିତ ଶତପଥୀ, ବାରପାହାଡ଼ କୃଷକ ସଙ୍ଗଠନର ଈଶାନ୍ତ ଭୋଇ, ଅତାବିରାର ବିରେନ କର, ଭେଡେନ ସୁଦାମ ପାତ୍ର, ଭଟଲୀ ଥବିର ସାହୁ, ବିଜେପୁର ସୁବାସ ପ୍ରଧାନ, ଗାଇସିଲେଟ ଅରବିନ୍ଦ ପଣ୍ଡା, ଝାରବନ୍ଧ ପ୍ରମୋଦ ରାୟ, ଅଶୋକ ସାହୁ, ପଦ୍ମପୁର ପ୍ରୀତମ ମେହେର, ସୁନୀଲ ଅଗ୍ରୱାଲ, ସୁରେଶ ରାମଚନ୍ଦାନୀ, ଆଇନଜୀବୀ ରୋହିତ ଭୋଇ, ରୋହିତ ପ୍ରଧାନ, ବରଗଡ ଉମେଶ ପ୍ରଧାନଙ୍କ ସମେତ ସଂକଳ୍ପ ପରିବାର, କୋଶଳ ସେନା ପ୍ରତିନିଧି ମଞ୍ଚାସୀନ ଥିଲେ। ଧାନର ଉଚିତ ମୂଲ୍ୟ, ସୁରକ୍ଷିତ ମଣ୍ଡି ବ୍ୟବସ୍ଥା, ଚାଷୀଙ୍କ ପ୍ରାପ୍ୟ, ବିଦ୍ୟୁତ ସମସ୍ୟା, ବିଲ ଛାଡ଼, ଗନ୍ଧମାର୍ଦ୍ଦନର ସୁରକ୍ଷା ବିଷୟରେ ଆଲୋଚନା ହୋଇଥିଲା। ଅଙ୍ଗ ନଦୀରେ ପୋଲ ନ ଥିବାରୁ ଅଞ୍ଚଳବାସୀ ବହୁତ ଦୁଃଖ ଭୋଗୁ ଥିଲେ। ତେଣୁ ପୋଲ ନିର୍ମାଣ ପାଇଁ ହୋଇଥିବା ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇଥିବା ବ୍ୟକ୍ତି ଶେଷଦେବ ନାୟକ, ରକ୍ଷାପାଳ ସାହୁ, ଜନତା ପ୍ରଧାନ, ଯୁବରାଜ ସାହୁ, ପଦ୍ମଲୋଚନ ବେରିଆ, ଅରକ୍ଷିତ ପ୍ରଧାନ, ବିଜୟ ସାହୁ, ଗଣେଶ ନାଏକ, ସୁନାଧର ଭୋଇ, ରମେଶ ବାରିକଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଲିଙ୍ଗରାଜ ପ୍ରଧାନ ସଂଯୋଜନା କରିଥିଲେ।

## ସ୍ମାର୍ଟ ମିଟର ବିରୋଧରେ ଆନ୍ଦୋଳନ


ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବରପାଲି,୨୩।୯(ଚିତ୍ତରଞ୍ଜନ ସାହୁ)**

ସ୍ମାର୍ଟ ମିଟର ବିରୋଧରେ ଅଭିଯୋଗ କରି ବରପାଲି ବ୍ଲକ ସଂଯୁକ୍ତ କୃଷକ ସଙ୍ଗଠନ ପକ୍ଷରୁ ସୋମବାର ଏକ ବିରାଟ ଶୋଭାଯାତ୍ରା କରାଯାଇଥିଲା। ବରପାଲି ମାର୍କେଟ ୟାର୍ଡରେ ଏକ ସାଧାରଣ ସଭା ହେବା ପରେ ମୁଖ୍ୟ ସଡ଼କ ଦେଇ ଟାଟା ପାୱାର କାର୍ଯ୍ୟାଳୟଠାରେ ପହଞ୍ଚି ଏକ ପ୍ରତିବାଦ ସଭା କରି ସଂପୃକ୍ତ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତୁରନ୍ତ ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେବା ସହ ସ୍ମାର୍ଟ ମିଟର ଗୁଡିକ ତହସିଲ ଅଫିସ ସମ୍ମୁଖରେ ଉପଭୋକ୍ତାମାନେ ଫୋପାଡି ଦେଇଥିଲେ।

ଆନ୍ଦୋଳନକୁ ବରପାଲି ବଣିକ ସଂଘ, ଓକିଲ ସଂଘ, ଟ୍ୟାକ୍ସି ମାଲିକ ସଂଘ, ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ, ଡ୍ରାଇଭର ସଂଘ, ଗ୍ୟାରେଜ ସଂଘ, ଟ୍ରାକ୍ଟର ମାଲିକ ସଂଘ ପ୍ରମୁଖଙ୍କ ସହ ବହୁ ସଙ୍ଗଠନ, ଅନୁଷ୍ଠାନ ଓ ବହୁ ସଂଖ୍ୟାରେ ଚାଷୀ ଏହାକୁ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ୭ ଉଜ୍ଜ୍ୱଳ ତାରକା ସମ୍ବର୍ଦ୍ଧିତ

**ପାଇକମାଲ,୨୩।୯(ବଡ ଶତପଥି)**

ବରଗଡ଼ ଜିଲା ପାଇକମାଲ ଯମୁନା କଂଧୁଣି ବାଳିକା ଉଚ୍ଚବିଦ୍ୟାଳୟରେ ଦଶମ ଶ୍ରେଣୀ ପରୀକ୍ଷାକୁ ଦୃଷ୍ଟିରେ ରଖି ବିଦ୍ୟାଳୟର ୭ଜଣ ଛାତ୍ରୀଙ୍କୁ ଉଜ୍ଜ୍ୱଳ ତାରକାଭାବେ ବିବେଚନା କରାଯାଇ ବିଦ୍ୟାଳୟ ପରିଚାଳନା କମିଟି ଅଭିଭାବକଙ୍କ ସହିତ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଛି। ଛାତ୍ରୀମାନେ ହେଲେ ଲକ୍ଷ୍ମୀପ୍ରିୟା ଭୋଇ, ପୁନମ ଭୋଇ, ପ୍ରିତିମୟୀ ସାହୁ, ହିମାନିପ୍ରଧାନ, ପ୍ରଜ୍ଞା ଭାରତି ତାଣ୍ଡି, ସିମ୍ପଲ ଭୋଇ, ପ୍ରାଚୀ ସାହୁ। ବିଦ୍ୟାଳୟର ବରିଷ୍ଠ ସଦସ୍ୟ ଗୋବର୍ଦ୍ଧନ ଅଗ୍ରୱାଲା ଘୋଷଣା କରିଥିଲେ, ବୋର୍ଡ ପରୀକ୍ଷାରେ ଯେଉଁ ଛାତ୍ରୀମାନେ ୯୦ ପ୍ରତିଶତ ରଖିବେ ସେମାନଙ୍କୁ ୧୦ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରାଯିବ। ପ୍ରଧାନ ଶିକ୍ଷକ ସୁଶାନ୍ତ ପଣ୍ଡାଙ୍କ କହିବା ମୁତାବକ, ଦଶମ ଶ୍ରେଣୀର ସମସ୍ତ ଛାତ୍ରୀଙ୍କୁ ଛୁଟି ଦିନରେ ଅଭିଜ୍ଞ ଶିକ୍ଷକ, ଆଲୁମିନୀଙ୍କ ଦ୍ୱାରା ପୂର୍ବ ବର୍ଷ ପରି ସ୍ୱତନ୍ତ୍ର "ସନ୍ଦେହ ମୋଚନ" କ୍ଲାସ କରାଯିବ। ସପ୍ତାହରେ ୨ ଦିନ ଛାତ୍ରୀଙ୍କ ଗୃହ ପରିଦର୍ଶନ ଶିକ୍ଷୟିତ୍ରୀ ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟିଙ୍କ ଦ୍ୱାରା କରାଯିବ। ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର, କମିଟିର ବରିଷ୍ଠ ସଭ୍ୟ ଗୋବର୍ଦ୍ଧନ ଅଗ୍ରୱାଲ, ଧୀରେନ୍ଦ୍ର ମହାନ୍ତି, ଦୁର୍ଯୋଧନ ପୁଟା ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଛୁଟି ଦିନରେ ପାଠ ପଢ଼ାଇବା ପାଇଁ ଉତ୍ସାହ ପ୍ରକାଶ କରୁଥିବାରୁ ଅଭିଭାବକମାନେ ପ୍ରଶଂସା କରିଥିଲେ।


ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।

## ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ


ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

**ଝାରବନ୍ଧ,୨୩।୯(ଦେବେନ୍ଦ୍ର ସାହୁ)**

ଝାରବନ୍ଧ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଜିଲା ସ୍ତରୀୟ ତିନି ଦିବସୀୟ କବାଡି ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଝାରବନ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ କୁମାର ପତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବରଗଡ଼ ଜିଲାର ୧୨ଟି ବ୍ଲକରୁ ଉଭୟ ବାଳିକା ବାଳକ ୪ଟି ଦଳ ଲେଖାଏଁ ମୋଟ ୫୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଅନ୍ୟ ଅତିଥିଙ୍କ ମଧ୍ୟରେ ଏମପି ପ୍ରତିନିଧି ହରିହର ସାହୁ, ଡିଏସ୍‌ଏସ୍ ଧୀରଜ ପଟ୍ଟନାୟକ, ଡିଆଇଟି ଅଧ୍ୟକ୍ଷ ରଜନୀ କାନ୍ତ ଦାସ, ଜିଲା ପରିଷଦ ସଭ୍ୟ ସନ୍ତୋଷ ବେହେରା, ପାଇକମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ବରଗଡ଼ ବିଇଓ ସୁରେନ୍ଦ୍ର ସାହୁ, ରାଜ ବୋରାସମ୍ବର ବିଇଓ ଲୋକନାଥ ଭୋଇ, ସୁନୀଲ ରାୟ, ଆଶାରାମ ବରିହା ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ଝାରବନ୍ଧ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୟାନିଧି ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଭୀଷ୍ମଦେବ ସାହୁ ସଭା ପରିଚାଳନା କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ଲକର ସମସ୍ତ ପିଇଟି ସହଯୋଗ କରିଥିଲେ।

## ଶିକ୍ଷୟିତ୍ରୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଶିକ୍ଷକ ଏବଂ ଅନ୍ୟମାନେ।

**ସରଣ୍ଡା/ସୋହେଲା,୨୩।୯ (ଯୁଧିଷ୍ଠିର ମହାପାତ୍ର / ଅଶ୍ୱିନୀ ପାତ୍ର)**

ବରଗଡ଼ ଜିଲା ଅତାବିରା ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀ ପୁଷ୍ପଲତା ନାଏକଙ୍କ ସୋମବାର ଏକାଦଶାହ ଉପଲକ୍ଷେ ତାଙ୍କ ନିଜସ୍ୱ ଗ୍ରାମ ସୋହେଲା ବ୍ଲକ ସରକଣ୍ଡାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଅତାବିରା ଜନ କଲ୍ୟାଣ କୁଲିତା ସମାଜ ସଭାପତି ଦିବାକର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଗ୍ରୀଞ୍ଜେଲ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଦୋଶ ଭୋଇ ସଂଯୋଜନା କରିଥିଲେ। ଏଥିରେ ସୌରୀ ଚରଣ ବାରିକ, ନିମାଇଁ ଚରଣ ପ୍ରଧାନ, ଦୟାନିଧି ପ୍ରଧାନ, ଜ୍ଞାନ ପ୍ରକାଶ ସାହୁ, କୃଷ୍ଣ ଚନ୍ଦ୍ର ଗୋଖରା, ପ୍ରିୟଦର୍ଶିନୀ ଅର୍ଚ୍ଚନା ବାଗ, ଜନନୀ ମହାପାତ୍ର, ରାଇସିଂ ପ୍ରଧାନ, ମଣ୍ଡଳ ବୁଢ଼େକ ପ୍ରମୁଖ ସ୍ୱର୍ଗତ ପୁଷ୍ପଲତା ନାଏକଙ୍କ ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରର ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଓ ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ ଶୋକବାର୍ତ୍ତା ଦେଇଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱର୍ଗତ ପୁଷ୍ପଲତାଙ୍କ ସ୍ୱାମୀ ସାଗରଲାଲ ବାରିକ, ପୁତ୍ର ଚିକୁ ବାରିକ, ଅଙ୍କୁ ବାରିକଙ୍କ ସମେତ ସରକଣ୍ଡା ଗ୍ରାମବାସୀ, ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ ଉପସ୍ଥିତ ଥିଲେ।

## ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

**ସୋହେଲା,୨୩।୯(ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲା ଲମ୍ବରୁପାଲ ରାମଚଣ୍ଡୀ ମନ୍ଦିର ପରିସରରେ ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଲତା ସମାଜର ବରିଷ୍ଠ ସଦସ୍ୟଙ୍କ ଗହଣରେ ଅକ୍ଟୋବର ୧୦ ରୁ ୧୨ ତାରିଖ ପର୍ଯ୍ୟନ୍ତ ପୂଜା କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଲମ୍ବରୁପାଲି, ବଂଜାରୀ, ଇଚ୍ଛାପାଲ, ବିର୍ଜୁପାଲି, ହଲଦୀପାଲ, କଠାରପାଲି, କେଣ୍ଡମୁଣ୍ଡି, ସୋହେଲା, ଖାଲିଆପାଲି, ଧୂସରବାହାଲ, ବ୍ରାହ୍ମଣୀଡିହି, ଗର୍ଭଣା ଏବଂ ଆଖପାଖ ଗାଁର ଲୋକେ ଯୋଗଦେଇଥିଲେ। ବରିଷ୍ଠ ସଦସ୍ୟ ଚତୁର୍ଭୁଜ ପଧାନ, ଭବାନୀ ଶଙ୍କର ପଧାନ, ତୀର୍ଥବାସୀ ପାତ୍ର, ଦିଲ୍ଲୀପ ସାହୁ, କ୍ଷୀରୋଦ୍ର ବୁଧିଆ, ପୁରନ୍ଦର ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅଶ୍ୱିନୀ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମଞ୍ଚ ନାଟକ ଉପରେ ଆଲୋଚନାଚକ୍ର

**ବରଗଡ଼,୨୩।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ସମର୍ପଣ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ସୌଖିନ ରଙ୍ଗମଞ୍ଚରେ ମଞ୍ଚ ନାଟକ ଉପରେ ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ନାଟକ ପ୍ରତି ଅଭିଭାବକଙ୍କ ଆଭିମୁଖ୍ୟ ତଥା ନୂତନ ପିଢ଼ିଙ୍କ ବିମୁଖ ଭାବ ଶୀର୍ଷକ ଉକ୍ତ ଆଲୋଚନାଚକ୍ରରେ ପଦ୍ମପୁରର ରାଜକୁମାର ସାହୁ, ଅଶୋକ ବହିଦାର, ବରଗଡ଼ର ଗୋପାଳକୃଷ୍ଣ ମିଶ୍ର, ସୁପ୍ରଭା ସାମଲ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ। ଆଲୋଚନା ଶୀର୍ଷକର ବିଭିନ୍ନ ଦିଗ ଉପରେ ସେମାନେ ମତ ରଖିଥିଲେ। ଆଲୋଚନାଚକ୍ରରେ ନକୁଳ ବାଦୀ ସଭାପତିତ୍ୱ କରିଥିଲେ।


ଆଲୋଚନାଚକ୍ରରେ ଉପସ୍ଥିତ ଆଲୋଚକ ଏବଂ ଅନ୍ୟମାନେ।

ଆଲୋଚନାଚକ୍ରରେ ସମର୍ପଣ ନାଟ୍ୟ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା, ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମର୍ପଣ ନାଟ୍ୟ ଅନୁଷ୍ଠାନର ସମ୍ପାଦକ ସଞ୍ଜୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆଁଖାଇ ପର୍ବ ଶତ୍ରୁ-ମିତ୍ର ମିଳନର ମୂକସାକ୍ଷୀ

**ପାଇକମାଲ ,୨୩।୯( ବଡ ଶତପଥି)**

ପଦ୍ମପୁର ସବ୍ ଡିଭିଜନ ଅନ୍ତର୍ଗତ ଭେଙ୍ଗରାଜପୁର ପଞ୍ଚାୟତ ସ୍ତରୀୟ ନୂଆଁଖାଇ ଭେଟଘାଟ ମହୋତ୍ସବ ଲେରଗାଁଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାପ୍ତ ପୋଲିସ ଅଧିକାରୀ ତଥା ସରପଞ୍ଚ ସୁଦାମ ଚରଣ ସେଠୀଙ୍କ ଆହ୍ୱାନରେ ହୋଇଥିବା ଏହି ଭେଟଘାଟ ମହୋତ୍ସବରେ ମୁଖ୍ୟ ଅତିଥିଭାବେ ଭାଜପା ଜିଲା ପରିଷଦ ସଦସ୍ୟ ଜମିଦାର ସୁରେନ୍ଦ୍ର ପ୍ରତାପ ସିଂ ବରିହା ଯୋଗଦେଇ ନିଜର ବକ୍ତବ୍ୟରେ ଶତ୍ରୁ ମିତ୍ର ମିଳନର ମୂକସାକ୍ଷୀ ଅଟେ ନୂଆଁଖାଇ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଦିଲ୍ଲୀପ ବେହେରା ଓ ଅନିତା ଭୋଇ ଯୋଗଦେଇ ନୂଆଁଖାଇ ଭେଟଘାଟ ଉପରେ ଆଲୋକପାତ କରିଥିଲେ। ଏଥିରେ ଡୋଳାମଣି ସାହୁ, ସାକୀର୍ତ୍ତନ ରଣା, ଯୁଧିଷ୍ଠିର ରଣା, ଜଗନ୍ନାଥ ବରିହା, ଉତ୍ତର ମହାନନ୍ଦ, ହରିପ୍ରିୟା ସେଟ, ପଦ୍ମିନୀ ପାଇକ, ଯୋଶବନ୍ତି ହରିପାଳ, ସୁବାସିନୀ ହରିପାଳ, ରାଞ୍ଜୁ ବେହେରା, ଗାନ୍ଧବୀ କୁମ୍ଭାର, ଅଞ୍ଜଳି କାଳରଙ୍ଗିଆ, ଶାନ୍ତି ଲୁହାର ପ୍ରମୁଖ ଉପସ୍ଥିତି ଥିଲେ।


ନୂଆଁଖାଇ ଭେଟଘାଟ ମହୋତ୍ସବରେ ଉପସ୍ଥିତ ଗ୍ରାମବାସୀ।

## ସଂକ୍ଷେପରେ

### ବସ୍-ହାଇୱା ଧକ୍କା, ଯାତ୍ରୀ ଆହତ

**ବେଦବ୍ୟାସ, ୨୩।୯(ଆଲୋକ ସ୍ୱାଇଁ):** ଟିସିଆଇ ରେଲୱେ ଓଭରବ୍ରିଜ୍ ନିକଟରେ ସୋମବାର ମଧ୍ୟାହ୍ନରେ ଏକ ଯାତ୍ରୀବାହୀ ବସ୍ (ନଂ.ଓଡ଼ି୧୬କେ/୩୭୭୪) ଏବଂ ଏକ ହାଇୱା (ନଂ.ଓଡ଼ି୧୪ଆର୍/୯୬୭୨) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବସ୍‌ର ଦକ୍ଷିଣପାର୍ଶ୍ୱ ସମ୍ପୂର୍ଣ୍ଣ ଘସି ହେବା ସହିତ ୫/୬ ଜଣ ଯାତ୍ରୀ ଆହତ ହୋଇଥିଲେ। ଘଟଣାସ୍ଥଳରେ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ପହଞ୍ଚି ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରାଇଥିଲା। ଆହତ ଯାତ୍ରୀମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି଼ଦିଆଯାଇଥିବା ଜଣାପଡ଼ିଛି। ଏହାସହିତ ଗାଡି ୨ଟିକୁ ଜବତ କରି ଥାନାରେ ରଖି ତଦନ୍ତ ଚାଲିଛି।

### ରେଲୱେ ଜିଏମ୍‌ଙ୍କ ଦିନିକିଆ ରାଉରକେଲା ଗସ୍ତ

**ରାଉରକେଲା,୨୩।୯(ସଙ୍ଗୀତା ଜେନା):** ଦକ୍ଷିଣ ପୂର୍ବ ରେଲୱେ ଜିଏମ୍ ଅନିଲ ମିଶ୍ର ସୋମବାର ଏକଦିବସୀୟ ରାଉରକେଲା ଗସ୍ତରେ ଆସି ଫେରି ଯାଇଛନ୍ତି। ସେ ରାଉରକେଲା ରେଲୱେ ଷ୍ଟେଶନ ପ୍ଲାଟ୍‌ଫର୍ମ ନଂ-୧ ନିରୀକ୍ଷଣ କରିବା ପରେ ସିଧାସଳଖ ପାନପୋଷ ଷ୍ଟେଶନ ପରିଦର୍ଶନ କରିଥିଲେ। ପାନପୋଷ ନିକଟରେ ୩ୟ ଏବଂ ୪ର୍ଥ ଲାଇନ୍‌ର ଯାଞ୍ଚ କରିଥିଲେ। ପରେ ସେ ବନ୍ଧମୁଣ୍ଡା ରେଲୱେ ୟାର୍ଡ ପରିଦର୍ଶନ କରି ବନ୍ଧମୁଣ୍ଡା କୁକୁଡ଼ା ଫାଟକ, ଡୁମେରତା ଷ୍ଟେଶନ କାର୍ଯ୍ୟ ନିରୀକ୍ଷଣ କରିଥିଲେ। ଅପରାହ୍ନରେ ବିଶ୍ରା ରେଲୱେ ଷ୍ଟେଶନରେ ବିକାଶ କାର୍ଯ୍ୟ ଅନୁଧ୍ୟାନ କରି ଚକ୍ରଧରପୁର ଫେରିଯାଇଥିଲେ। ଉକ୍ତ ପରିଦର୍ଶନ ସମୟରେ ସିକେପି ରେଲୱେ ଡିଆର୍‌ଏମ୍ ଏ. ଜେ. ରାଠୋର, ମନୀଷ ପାଠକ, ବନ୍ଧମୁଣ୍ଡା ସିଏମ୍‌ଏସ୍ ଡ. ସଞ୍ଜୀବ କୁମାରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସ୍ୱଚ୍ଛତା ଅଭିଯାନ

**ରାଉରକେଲା,୨୩।୯(ସଙ୍ଗୀତା ଜେନା):** ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରବିବାର ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନ୍ତର୍ଗତ ସଫେଇ କାର୍ଯ୍ୟ କରାଯାଇଛି। ପାନପୋଷ ଉପଜିଲାପାଳ ବିଜୟ ନାୟକଙ୍କ ସହଯୋଗରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଅଧିକାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଅଭିଯାନ ସେପ୍ଟେମ୍ବର ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ କରାଯିବ। ସ୍ୱଭାବ ସ୍ୱଚ୍ଛତା ସଂସ୍କାର ସ୍ୱଚ୍ଛତା ଥିମ୍‌ରେ ଏହା କରାଯାଉଛି। ଉକ୍ତ ସଫେଇ ଅଭିଯାନରେ ଅତିରିକ୍ତ ଉପଜିଲାପାଳ ସରୋଜ ମିଶ୍ର, ଡେପୁଟି କଲେକ୍ଟର ଅର୍ପିତା ମହାନ୍ତି, ସହକାରୀ ଜିଲାପାଳ ବିକାଶ ଭୋଇ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଭରତ ଗୁରୁ, ଉପଖଣ୍ଡ ଆର୍ଥିକ ସେବା ସଞ୍ଜୟ ଅଧିକାରୀ ପ୍ରକାଶ ଦାଶଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱଚ୍ଛତା ଉପରେ ଶପଥ ପାଠ କରାଯାଇଥିଲା।

# ଇସ୍ପାତ ସହର: ବଢୁଛି ସାଇବର ଅପରାଧ

**ରାଉରକେଲା,୨୩।୯(ସଙ୍ଗୀତା ଜେନା)**

ରାଉରକେଲା ପୋଲିସ ଜିଲା ଅଞ୍ଚଳରେ ଦିନକୁ ଦିନ ସାଇବର ଅପରାଧ ବୃଦ୍ଧି ପାଇଚାଲିଛି। ଏହା ଉପରେ ଅଙ୍କୁଶ ଲାଗି ପାରୁନାହିଁ। ଏଥିରୁ ବରିଷ୍ଠ ନାଗରିକ, ସରକାରୀ ଚାକିରିଆ, ଛାତ୍ରୀଛାତ୍ର, ଗୃହିଣୀ କେହି ମଧ୍ୟ ବାଦ୍ ପଡୁନାହାନ୍ତି। ପ୍ରତ୍ୟେକ ଥାନାରେ ଅଭିଯୋଗ ଗ୍ରହଣ କରାଯାଉଛି। ହେଲେ ଅଭିଜ୍ଞ ଯାଞ୍ଚ ଅଧିକାରୀ ନ ଥିବାରୁ ଅନେକ କ୍ଷେତ୍ରରେ ମାମଲାଗୁଡ଼ିକ ତଦନ୍ତ ନ ହୋଇ ପଡ଼ିରହୁଛି। ସେହିପରି ଏହି ଅପରାଧକୁ ନିୟନ୍ତ୍ରଣ କରିବାକୁ ତୃଣମୂଳ ସ୍ତରରେ ଆଖିଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ଫଳରେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନେ ସହଜରେ ଅପରାଧ ଘଟାଇବାକୁ ପଛାଉନାହାନ୍ତି।

ଅନୁରୂପ ଭାବେ ରାଉରକେଲା ପୋଲିସ ଜିଲାରେ ଥିବା ସାଇବର ଥାନାରେ ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସାଇବର ଠକେଇ ପଞ୍ଜୀକରଣ କରାଯାଉଥିବା ବେଳେ ଅନ୍ୟ ଥାନାମାନଙ୍କରେ ସବୁପ୍ରକାର ସାଇବର ଠକେଇ ଏତଲା ଗ୍ରହଣ କରାଯାଉଛି। ସାଇବର ଥାନାରେ ପଞ୍ଜୀକୃତ ଅଭିଯୋଗଗୁଡ଼ିକ ବର୍ଷକୁ ବର୍ଷ କ୍ରମାନ୍ୱୟରେ ବୃଦ୍ଧି ପାଉଥିବା ପରିଲକ୍ଷିତ ହୋଇଛି। ତଥ୍ୟ ଅନୁସାରେ ୨୦୨୨ରେ ୧୬ଟି, ୨୦୨୩ରେ ୨୯ଟି ଏବଂ ୨୦୨୪ ଜୁନ୍ ଯାଏ ଏହା ୨୦ରେ ପହଞ୍ଚିଲାଣି। ଆଗାମୀ ଦିନରେ ଏହି ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା ରହିଛି। ବିଭିନ୍ନ ଥାନାରେ



ଉଦିତନଗରରେ ଥିବା ଏକମାତ୍ର ସାଇବର ଥାନା ।

**ପର୍ଯ୍ୟାପ୍ତ ହେଉନି ସଚେତନତା କାର୍ଯ୍ୟକ୍ରମ**

ହୋଇଥିବା କିଛି ମାମଲା ମଧ୍ୟରୁ ସେକ୍ଟର-୭ ଥାନା ଅଞ୍ଚଳରେ ୧୦ଲକ୍ଷ ଟଙ୍କା ଠକେଇ ଅଭିଯୋଗ ହୋଇଥିଲା। ସେହିପରି ସେକ୍ଟର-୩ ଥାନା ଅନ୍ତର୍ଗତ ଏନ୍‌ଆଇଟିର କିଛି ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ ଏକାଧିକ ସାଇବର ମାମଲା ରୁଜୁ ହୋଇଛି। ଘଟଣାକ୍ରମରେ ଉଦିତନଗର ଥାନାରେ ଅନ୍‌ଲାଇନ୍ ମାର୍କେଟିଂ କମ୍ପାନୀ ପକ୍ଷରୁ ୮ ଲକ୍ଷ ଟଙ୍କା ଠକେଇ, ଆର୍‌ଏସ୍‌ପି କର୍ମଚାରୀଙ୍କଠାରୁ ଟ୍ରେଡିଂ ବାବଦରେ ୩୦ ଲକ୍ଷରୁ ଅଧିକ ଟଙ୍କା ଠକେଇ ଆଦି କିଛି ଉଦାହରଣ ମାତ୍ର ।

ଦକ୍ଷିଣ ରାଉରକେଲାର ସମାଜସେବୀ ଅରୁଣ ପରିଡ଼ାଙ୍କ କହିବା ଅନୁଯାୟୀ, ପ୍ରତ୍ୟେକ ଥାନାରେ ଅଭିଯୋଗ ନିଆଯାଉଛି। ହେଲେ ସେଠାରେ ଅଭିଜ୍ଞ ଯାଞ୍ଚ ଅଧିକାରୀ ରହୁନାହାନ୍ତି । ଅନ୍ୟ ଅପରାଧ ଓ ସାଇବର ଅପରାଧ ଯାଞ୍ଚ ମଧ୍ୟରେ ବହୁତ ତଫାତ୍ ରହିଛି। ଏଥିପାଇଁ ଏକ୍ସପର୍ଟ ଅଧିକାରୀ ରହିବା ଉଚିତ। ଥାନାମାନଙ୍କରେ ଆମ ପୋଲିସ ବୈଠକ କରାଯାଉଛି। ଉକ୍ତ ବୈଠକକୁ ଥାନାରେ ସୀମିତ ନ ରଖି ସ୍କୁଲ, କଲେଜ, ସାର୍ବଜନୀନ ସ୍ଥାନ, ଅନୁଷ୍ଠାନରେ କରିବା ଦରକାର। ଫଳରେ ଲୋକେ ସଚେତନ ହେବେ। ପିଲାମାନଙ୍କ ପାଠ୍ୟକ୍ରମରେ ମଧ୍ୟ ସାଇବର ପାଠ୍ୟକ୍ରମକୁ ସାମିଲ କରାଯାଉ ବୋଲି ପରିଡ଼ା କହିଥିଲେ। ସେହିପରି ଆଇନଜୀବୀ ସମରେଶ ଦାଶ କୁହନ୍ତି, ଡିଜିଟାଲାଇଜେଶନ ବୃଦ୍ଧି ହେବା ପରେ ଇ-ୱାଲେଟ୍ ବ୍ୟବହାର ମଧ୍ୟ ବୃଦ୍ଧି ପାଇଛି। ଲୋକଙ୍କ ଅବହେଳା ଯୋଗୁ ଏଭଳି ଅପରାଧ ବଢୁଛି। ସାଇବର ଅପରାଧ ଓ ନିୟମ ବାବଦରେ ସମ୍ପୂର୍ଣ୍ଣ ଅଭିଜ୍ଞ ପୋଲିସ ମଧ୍ୟ ନାହାନ୍ତି। ସାଇବର ନିୟମକୁ ପ୍ରକୃତ ଅନୁପାଳନ କରାଯାଉନାହିଁ। ବର୍ଷ ବର୍ଷ ଧରି ମାମଲାଗୁଡ଼ିକ ପଡ଼ିରହୁଛି। ଯାହାଦ୍ୱାରା ଅଭିଯୁକ୍ତଙ୍କ ସମ୍ପୃକ୍ତି ଜଣାପଡୁନାହିଁ। ପୀଡ଼ିତଙ୍କ ସହ ପୋଲିସର ସମନ୍ୱୟ ରହୁନାହିଁ। ପୀଡ଼ିତ ଅନେକ କ୍ଷେତ୍ରରେ ଅଭିଯୋଗ ଦେବାକୁ ପଛଘୁଞ୍ଚା ଦେଉଛନ୍ତି। ସେହିପରି ଅନେକ ମାମଲା ପ୍ରମାଣ ଅଭାବରୁ ବନ୍ଦ କରିଦିଆଯାଉଛି। ତେବେ ଏହାର ତଦନ୍ତ ରିପୋର୍ଟ ଓ ଅଭିଯୁକ୍ତ ଠାବ ହେବା ସଂଖ୍ୟା ବହୁତ କମ୍ ରହୁଛି। ସାଇବର ଥାନାରେ କର୍ମଚାରୀ ସଂଖ୍ୟା କମ୍ ରହୁଛି। ସଚେତନତାମୂଳକ ରଥର ବିଶେଷ ପ୍ରଭାବ ରହୁନାହିଁ। ସାଇବର ଅପରାଧ ସମ୍ପର୍କିତ ବୈଠକ ଓ ଜନସଚେତନତା କାର୍ଯ୍ୟକ୍ରମ ତୃଣମୂଳ ସ୍ତରରେ ହେବା ଉଚିତ। ଅଭିଯୋଗ ଅନୁସାରେ ସଫଳ ଫଳାଫଳ ନଗଣ୍ୟ ରହୁଛି ବୋଲି ଆଇନଜୀବୀ ଦାଶ କହିଥିଲେ।

ଏହି ପରିପ୍ରେକ୍ଷୀରେ ସାଇବର ଥାନା ପରିଚାଳନା କରୁଥିବା ଏସ୍‌ଡିପିଓ ଉପାସନା ପାଢ଼ୀଙ୍କୁ ପଚରାଯିବାରୁ ସେ କହିଲେ, ସାଇବର ଅପରାଧ ନିୟନ୍ତ୍ରଣ କରିବା ପାଇଁ ଗତବର୍ଷଠାରୁ ଆମ ପୋଲିସ ବୈଠକ ଖସଡ଼ାରେ ଅନ୍ତର୍ଭୁକ୍ତ କରାଯାଇଛି। ଲୋକଙ୍କୁ ସଚେତନ କରାଯାଉଛି। ସେହିପରି ବ୍ୟାଙ୍କଗୁଡିକରେ ମଧ୍ୟ ଏପରି ସଚେତନତାମୂଳକ କାର୍ଯ୍ୟକ୍ରମ ମାସକୁ ୨ଥର କରାଯାଉଛି। ସେପ୍ଟେମ୍ବରରୁ ଅକ୍ଟୋବର ପର୍ଯ୍ୟନ୍ତ ସ୍ୱତନ୍ତ୍ର ସାଇବର ଅପରାଧ ନିୟନ୍ତ୍ରଣ ପକ୍ଷ ପାଳନ କରାଯାଉଛି। ଏଥିରେ ଜନସାଧାରଣଙ୍କ ସହଭାଗିତା ଅଧିକ ରହୁଛି ବୋଲି ଏସ୍‌ଡିପିଓ ପାଢ଼ୀ କହିଥିଲେ।

# ମାନବସେବା ମାନସିକ ଶାନ୍ତି, ସନ୍ତୋଷର ଉତ୍କୃଷ୍ଟ ମାର୍ଗ




କ୍ଲବର କର୍ମକର୍ତ୍ତାମାନେ ପ୍ରଦୀପ ଜଳାଉଛନ୍ତି।

**ରାଉରକେଲା,୨୩।୯(ଦିନେଶ ମିଶ୍ର)**

**ଇନର ହୁଇଲ କ୍ଲବ୍ ପକ୍ଷରୁ ବିଶ୍ୱଶାନ୍ତି ଦିବସ ପାଳିତ**

ସେକ୍ଟର-୫ ସ୍ଥିତ ଶ୍ରୀ ଅରବିନ୍ଦ ଯୋଗ ମନ୍ଦିର ପରିସରରେ ସୋମବାର ଇନର ହୁଇଲ କ୍ଲବ ରାଉରକେଲା ରିଭରସାଇଡ ପକ୍ଷରୁ ବିଶ୍ୱଶାନ୍ତି ଦିବସ ପାଳିତ ହୋଇଯାଇଛି। ଏଥିରେ ରିମ୍ବର ଅଧ୍ୟକ୍ଷା ନଳିନୀ ପ୍ରଭା ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନବସେବା ହିଁ ମାନସିକ ଶାନ୍ତି ଓ ସନ୍ତୋଷ ପ୍ରାପ୍ତିର ଉତ୍କୃଷ୍ଟ ମାର୍ଗ ବୋଲି ମତପ୍ରକାଶ କରିଥିଲେ। ପରେ କ୍ଲବର କର୍ମକର୍ତ୍ତା ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ ସହ ସମସ୍ତେ ବିଶ୍ୱଶାନ୍ତିର ପ୍ରତୀକ ରୂପେ ମହମବତୀ ଜଳାଇ ସଦ୍‌ଭାବନା ବାର୍ତ୍ତା ପ୍ରସାରିତ କରିଥିଲେ। କ୍ଲବର ସଭାପତି ଅଜିତା ମହାନ୍ତିଙ୍କ ସମେତ ଡକ୍ଟର ମୀନତି ପଣ୍ଡା, ଆରତୀ ଷଡ଼ଙ୍ଗୀ, କାବେରୀ ବାନାର୍ଜୀ, ଅଞ୍ଜଳି ହୋତା, ସିମରଞ୍ଜିତ ଶେଖନ, ଅନିତା ନାୟକ, ସବିତା ପଟ୍ଟନାୟକ, ମୁଞ୍ଜୁବାଳା ପାଢୀ, ଡିମ୍ପଲ ସାହୁ, ବୀଣାପାଣି ରାୟ, ରଞ୍ଜିତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଭାପତି ପ୍ରତିମା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଆମ୍ବାଗାନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# କଳା ଶ୍ରମକୋଡ୍ ବିରୋଧରେ ବିକ୍ଷୋଭ

**ରାଉରକେଲା,୨୩।୯(ସଙ୍ଗୀତା ଜେନା)**

ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବାତିଲ ଦାବିରେ ମିଳିତ ଟ୍ରେଡ୍ ୟୁନିୟନ ଓ ସ୍ୱାଧୀନ ଫେଡେରେଶନଙ୍କ ଆହ୍ୱାନରେ ସୋମବାର ଦେଶବ୍ୟାପୀ କଳାଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆମ୍ବାଗାନ ଛକରେ ଅପରାହ୍ନରେ ବିକ୍ଷୋଭ କରାଯାଇଥିଲା। ଏଥିରେ ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଟୁ, ଏଆଇସିସିଟିୟୁ, ଏଆଇୟୁଟିୟୁସି, ଜିଏମ୍‌ଏମ୍, ସିଅର୍ ଆଦି ୮ଟି ଟ୍ରେଡ୍ ୟୁନିୟନ ଅଂଶଗ୍ରହଣ କରିଥିଲେ। ଦେଶର ସମସ୍ତ ଟ୍ରେଡ୍ ୟୁନିୟନ ବାରମ୍ବାର ଦାବି ଓ ଆନ୍ଦୋଳନ ଚଳାଇ ଆସିଥିବା ବେଳେ କେନ୍ଦ୍ରର ଭାଜପା ସରକାର ଶ୍ରମିକ ବିରୋଧୀ ଶ୍ରମକୋର୍ଡ ଲାଗୁ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ୨୦୨୦ ସେପ୍ଟେମ୍ବର ମାସରେ ଏହି କଳା ଶ୍ରମ କୋର୍ଡ ଲାଗୁ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେବେଠାରୁ ଏହାକୁ କଳାଦିବସ ଭାବେ ପାଳନ କରାଯାଇଆସୁଛି। ଏହାକୁ ପ୍ରତ୍ୟାହାର ନ କରାଯିବା ପର୍ଯ୍ୟନ୍ତ ବିକ୍ଷୋଭ କରାଯିବ ବୋଲି ଉପସ୍ଥିତ ନେତୃମଣ୍ଡଳୀ କହିଥିଲେ। ବିକ୍ଷୋଭ କାର୍ଯ୍ୟକ୍ରମରେ ଏଆଇଟିୟୁସି ନେତା ସଦାନନ୍ଦ ସାହୁ, ସିଟୁ ରାଜ୍ୟ ଉପସଭାପତି ବିମାନ ମାଇତି, ରାଜକିଶୋର ପ୍ରଧାନ, ବସନ୍ତ ନାୟକ, ଚନ୍ଦ୍ରଭାନୁ ଦାସ, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ଯଯାତି କେଶରୀ ସାହୁ, ଜାହାଙ୍ଗୀର ଅଲ୍ଲୀ, ଆଇଏନ୍‌ଟିୟୁସିର ନିହାର ଦାସ, ଆର୍‌ଏମ୍‌ଏସ୍‌ର ଖଗେନ୍ଦ୍ର ବେହୁରା, ଏଆଇୟୁଟିୟୁସି ନେତା ଅଜିତ ନାୟକ, ଜିଏମ୍‌ଏମ୍ ନେତା ବିଷ୍ଣୁ ଚରଣ ମହାନ୍ତଙ୍କ ସମେତ ଶତାଧିକ କର୍ମୀ ଅଂଶଗ୍ରହଣ କରିଥିଲେ।

## ସାଇବର ଠକେଇରେ ଆଉ ଜଣେ ଶିକାର

**ଲହୁଣୀପଡ଼ା,୨୩।୯(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କଲେଇପୋଷ ପଞ୍ଚାୟତ କେନାପାଲି (ବୁଢ଼ୀପାଲି) ଗ୍ରାମର ରଣଜିତ ବେହେରାଙ୍କ ପାଖକୁ ସୋମବାର ସକାଳେ ଏକ ଫୋନ କଲ ଆସିଥିଲା। ତାଙ୍କ ପୁଅ ପଢୁଥିବା ଏକ ଘରୋଇ ମହାବିଦ୍ୟାଳୟର ଅଧକ୍ଷ ବୋଲି ନିଜକୁ ପରିଚୟ ଦେଇଥିଲେ। ପୁଅର ଫର୍ମ ଫିଲଅପ ପାଇଁ ଟଙ୍କା ପଠେଇଛନ୍ତି କି ବୋଲି ପଚାରିବାରୁ ରଣଜିତ ମନା କରିଥିଲେ। ଅଧକ୍ଷ ବାଧ କରିବାରୁ ସେ ଫର୍ମ ଫିଲଅପର ଅଧା ଟଙ୍କା ଫୋନ ଫେ କରିବାକୁ କହିଥିଲେ। ଫୋନ ପେ ନ ଥିବା ବ୍ୟକ୍ତି ଜଣଙ୍କ କହିବା ପରେ ସେ ତାଙ୍କ ଆକାଉଣ୍ଟକୁ ୧୫ ଶହ ଟଙ୍କା ପଠାଇଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଆକାଉଣ୍ଟ ନମ୍ବର କଲେଜର ନୁହେଁ କିମ୍ବା କଲେଜ ସହିତ କୌଣସି ସମ୍ପର୍କରେ ନ ଥିଲା ବୋଲି ଜଣାପଡିଥିଲା। ଏ ସମ୍ପର୍କରେ ରଣଜିତ କୁମାର ବେହେରା ଲହୁଣୀପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଗଣେଶଙ୍କୁ ଗୋ ସେବା ସମ୍ମାନ



ଗଣେଶ ବାଗେଡିଆଙ୍କୁ ଗୋସେବା ସମ୍ମାନରେ ସମ୍ମାନିତ କରାଯାଉଛି।

**ରାଉରକେଲା,୨୩।୯(ଦିନେଶ ମିଶ୍ର)**

ରାଉରକେଲା ସେକ୍ଟର-୧୯ ସ୍ଥିତ ସିଭିକ୍ ସେଣ୍ଟର ପରିସରରେ ଭାଜପା ପକ୍ଷରୁ ନରେନ୍ଦ୍ର ମୋଦି ସେବା ସଙ୍କଳ୍ପ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସହରରେ ନିଃସ୍ୱାର୍ଥପର ଭାବେ ସମାଜର ସେବା କରୁଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରେରଣା ଦେବା ପାଇଁ ଏହା ପ୍ରଧାନମନ୍ତ୍ରୀଙ୍କ ଉଚ୍ଚକୋଟୀର ପଦକ୍ଷେପ ବୋଲି କୁଲକର୍ଣ୍ଣି କହିଥିଲେ। ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ରାଉରକେଲା ଏସ୍‌ପି ବ୍ରିଜେଶ ରାୟ, ଜିଲା ମହିଳା ସଭାନେତ୍ରୀ ଲତିକା ପଟ୍ଟନାୟକ, ସମାଜସେବୀ ବିମଲ ବିଶି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଗୃହସ୍ଥୀ ଉଦ୍ୟୋଗ ପ୍ରାଇଭେଟ୍ ଲିମିଟେଡ୍‌ର ଅଧ୍ୟକ୍ଷ ଗଣେଣ ପ୍ରସାଦ ବାଗେଡିଆଙ୍କୁ ଗୌସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା।

ସୂଚନାଯୋଗ୍ୟ, ସେକ୍ଟର-୧୪ ସ୍ଥିତ ନନ୍ଦଗାଁରେ ଗଣେଶ ପ୍ରସାଦ ବାଗେଡିଆଙ୍କ ଉଦ୍ୟମ କ୍ରମେ ଏକ ବିଶାଳ ଗୋଶାଳା ତିଆରି ହୋଇଛି। ଏହି ଗୋଶାଳାରେ ୩୫୦ରୁ ଉର୍ଦ୍ଧ୍ୱ ଗାଈଙ୍କୁ ରଖାଯାଇ ସେମାନଙ୍କ ସ୍ୱତନ୍ତ୍ର ସୁରକ୍ଷା ଓ ଯତ୍ନ ନିଆଯାଉଛି। ଗଣେଶଙ୍କ ଏଭଳି ନିଃସ୍ୱାର୍ଥପର ଗୋସେବା ଦେଖି ରାଉରକେଲା ମହାନଗର ନିଗମ(ଆରଏମ୍‌ସି) ତାଙ୍କୁ ସହଯୋଗର ହାତ ବଢାଇଛି । ଆରଏମ୍‌ସି ଓ ଆରଏସ୍‌ପିର ମିଳିତ ସହଯୋଗ ପାଇବା ପରେ ଗଣେଶ ବର୍ତ୍ତମାନ ନନ୍ଦଗାଁରେ ଗୋମାତାଙ୍କ ଯତ୍ନ ସାଙ୍ଗକୁ ସେଠାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିବା ଜଣାପଡିଛି।

# ତୃତୀୟ ମହିଳା ସିନିୟର ରାଜ୍ୟ ହକି ଚାମ୍ପିୟନଶିପ୍ ଆରମ୍ଭ

**ରାଉରକେଲା,୨୩।୯(ଦିନେଶ ମିଶ୍ର)**

ଛେଣ୍ଡ ସ୍ଥିତ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ତୃତୀୟ ମହିଳା ସିନିୟର ହକି ଚାମ୍ପିୟନଶିପ୍-୨୦୨୪ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ହକି ଓଡିଶା ଯୁବ ପ୍ରତିଭା ଖେଳାଳିମାନଙ୍କ ପାଇଁ ନେଉଥିବା ଏଭଳି ପଦକ୍ଷେପ ନିଶ୍ଚିତ ସ୍ୱାଗତଯୋଗ୍ୟ। ଏଭଳି ମ୍ୟାଚ୍‌ରେ ବହୁ ଯୁବ ପ୍ରତିଭା ସେମାନଙ୍କ ଦକ୍ଷତାକୁ ପ୍ରଦର୍ଶିତ କରିବା ପାଇଁ ସୁଯୋଗ ପାଇବେ ବୋଲି ତିର୍କୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଚାମ୍ପିୟନଶିପ୍‌ରେ ନୟାଗଡ, ସ୍ପୋର୍ଟସ ହଷ୍ଟେଲ ରାଉରକେଲା, ଦେବଗଡ, ଢେଙ୍କାନାଳ ଅଦି ୧୦ଟି ଜିଲାର ହକି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ଚାମ୍ପିଅନ୍‌ଶିପ୍ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଜିର ଉଦ୍‌ଘାଟନୀ ଉତ୍ସବରେ ୬ଟି ମ୍ୟାଚ୍ ଖେଳା ଯାଇଥିଲା। ପ୍ରଥମ ମ୍ୟାଚ୍ ନୟାଗଡ ଓ ସମ୍ବଲପୁର ମଧ୍ୟରେ ଖେଳାଯାଇଥିଲା। ଏଥିରେ ନୟାଗଡ ସମ୍ବଲପୁରକୁ ୫-୦ ଗୋଲରେ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚ୍ ସ୍ପୋର୍ଟସ ହଷ୍ଟେଲ ରାଉରକେଲା ଓ କେନ୍ଦ୍ରାପଡା ମଧ୍ୟରେ ଖେଳାଯାଇଥିଲା। ଏଥିରେ ସ୍ପୋର୍ଟସ ହଷ୍ଟେଲ ରାଉରକେଲା କେନ୍ଦ୍ରାପଡାକୁ ୮-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ ଦେବଗଡ ଓ ରାୟଗଡା ମଧ୍ୟରେ ଖେଳାଯାଇ ଦେବଗଡ ୬-୦ ଗୋଲରେ ରାୟଗଡା ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା। ୪ର୍ଥ ମ୍ୟାଚ୍ ଢେଙ୍କାନାଳ ଓ ଗଜପତି ମଧ୍ୟରେ ଖେଳାଯାଇଥିଲା। ଏଥିରେ ଢେଙ୍କାନାଳ ଦଳ ଗଜପତି ଦଳକୁ ୬-୦ ଗୋଲରେ ପରାସ୍ତ କରିଥିଲା। ଶେଷ ମ୍ୟାଚ୍ ଓଡିଶା ପୋଲିସ ଓ କୋରାପୁଟ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଓଡିଶା ପୋଲିସ ୫-୦ ଗୋଲରେ କୋରାପୁଟ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା।




ଉଦ୍‌ଘାଟନୀ ମ୍ୟାଚ୍‌ରେ ଉପସ୍ଥିତ ଖେଳାଳିଗଣ।

# ନାଁକୁ ସ୍ୱଚ୍ଛତା ଅଭିଯାନ, ଅଳିଆ ଉଠୁନି

**ରାଉରକେଲା,୨୩।୯(ଦିନେଶ ମିଶ୍ର)**

ସ୍ୱଚ୍ଛ ଭାରତ ମିଶନକୁ ସଫଳ କରିବା ପାଇଁ ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ (ଆରଏମ୍‌ସି) ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନ କରାଯାଇଛି । ଏହି ଅଭିଯାନ ଗତ ୧୭ ତାରିଖରୁ ଆରମ୍ଭ ହୋଇଛି ଏବଂ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ସ୍ୱଚ୍ଛତା ହିଁ ସେବା-୨୦୨୪ ଥିମ୍‌ର ମୁଖ୍ୟ ଉଦ୍ଦେଶ୍ୟ ଏଥିରେ ବହୁ ସଂଖ୍ୟାରେ ନାଗରିକମାନେ ସାମିଲ ହୋଇ ବିଭିନ୍ନ ସ୍ଥାନରେ ପଡି ରହିଥିବା ଅଳିଆ ଆବର୍ଜନାକୁ ସଫେଇ କରିବା ସହ ସହରବାସୀଙ୍କୁ ଏ ନେଇ ସଚେତନ କରିବେ ବୋଲି ଆରଏମ୍‌ସି ଲକ୍ଷ୍ୟ ରଖିଛି । ଏସବୁ ସତ୍ତ୍ୱେ ରାଉରକେଲା ସ୍ମାର୍ଟସିଟିରେ ଏମିତି ଅନେକ ସ୍ଥାନ ରହିଛି ଯେଉଁଠାରେ ରାସ୍ତାକଡ, ବସ୍ତି ଓ କଲୋନୀମାନଙ୍କରେ ଗଦାଗଦା ଅଳିଆ ଆବର୍ଜନା ପଡି ରହିଥିବା ଦେଖିବାକୁ ମିଳିଛି। ଏଭଳି ଦୃଶ୍ୟ ବାସନ୍ତୀ କଲୋନୀ ଏଫ୍‌ଏଲ୍ ବ୍ଲକ ଛକ, ମାଲଗୋଦାମ ଖଟାଲ ବସ୍ତି ଛକ, ଉଦିତନଗର ସ୍ଥିତ ନିବେଦିତା ସ୍କୁଲ ଓ ଲାଲ୍ ବିଲ୍‌ଡିଂ ଅଞ୍ଚଳରେ ଥିବା କଲ୍ୟାଣୀ ଦେବୀ ହାଇସ୍କୁଲ ନିକଟରେ ଦେଖିବାକୁ ମିଳିଛି। ଏହି ସ୍କୁଲ ନିକଟରେ ପଡି ରହିଥିବା ଅଳିଆଆବର୍ଜନା ମାସ ମାସ ଗଦା ହୋଇ ରହୁଥିଲେ ମଧ୍ୟ



ଏଫ୍‌ଏଲ୍ ବ୍ଲକରେ ବୁଲା ପ୍ରାଣୀ ଅଳିଆଗୁଡିକୁ ଏଣେତେଣେ ଖେଳାଉଛନ୍ତି।

ଏହାକୁ ସଫେଇ କରିବା ପାଇଁ ଆରଏମ୍‌ସି ପକ୍ଷରୁ କୌଣସି ଗାଡି ଆସୁ ନ ଥିବା ସ୍ଥାନୀୟ ବସ୍ତିବାସୀ ଅଭିଯୋଗ କରିଛନ୍ତି।

ଲାଲ୍ ବିଲ୍‌ଡିଂ ବସ୍ତି ଅଞ୍ଚଳରେ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ମାତ୍ର ଉକ୍ତ ଅଞ୍ଚଳରେ ଆରଏମ୍‌ସି ପକ୍ଷରୁ କୌଣସି ସ୍ୱତନ୍ତ୍ର ଡଷ୍ଟବିନ ବ୍ୟବସ୍ଥା କରାଯାଇନାହିଁ। ଫଳରେ ସ୍ଥାନୀୟ ଲୋକେ ଉକ୍ତ ବସ୍ତି ନିକଟ କଲ୍ୟାଣୀଦେବୀ ହାଇସ୍କୁଲ ପାଚେରି କଡରେ ଅଳିଆ ପକାଉଛନ୍ତି। ଏହା ମାସ ମାସ ଧରି ଗୋଟିଏ ସ୍ଥାନରେ ଜମି ରହିବାରୁ ଏଠାକାର ବୁଲାପ୍ରାଣୀ ଏଣେତେଣେ ଖେଳାଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛନ୍ତି। ସେହିପରି ଉଦିତନଗର ସ୍ଥିତ ନିବେଦିତା ସ୍କୁଲ ପାଚେରି କଡ଼ରେ ପ୍ରତିଦିନ ସ୍ଥାନୀୟ ଲୋକେ ଓ ଉକ୍ତ ଅଞ୍ଚଳରେ ଥିବା ମାର୍କେଟ କମ୍ପ୍ଲେକ୍ସର ବ୍ୟବସାୟୀମାନେ ଅଳିଆ ଗଦା କରୁଛନ୍ତି । ଏଠାରେ ମଧ୍ୟ ଆରଏମ୍‌ସି ପକ୍ଷରୁ କୌଣସି ଡଷ୍ଟବିନ ବ୍ୟବସ୍ଥା କି ଡଷ୍ଟବିନ୍ ୟାର୍ଡ ତିଆରି କରାଯାଇନାହିଁ। ଅନ୍ୟପକ୍ଷେ ବର୍ଷାଦିନେ ଏହି ସ୍ଥାନରେ ବର୍ଷାପାଣିରେ ଅଳିଆଗୁଡିକ ପଚି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି।

ସେହିପରି ୱାର୍ଡ ନମ୍ବର ୧୯ ସ୍ଥିତ ମାଲଗୋଦାମ ଖଟାଲ ବସ୍ତି ଅଞ୍ଚଳରେ ମଧ୍ୟ ସମାନ ପରିସ୍ଥିତି। ଏହି ଅଞ୍ଚଳରେ

**ଅଳିଆଗଦାକୁ ନେଇ ଅସନ୍ତୋଷ**

ସ୍ଥାନୀୟ ବସ୍ତିବାସୀ ରାସ୍ତାକଡରେ ଅଳିଆ ଜମା କରୁଛନ୍ତି। ବାସନ୍ତୀ କଲୋନୀ ଏଫ୍‌ଲ ବ୍ଲକର ବାସିନ୍ଦାଙ୍କ ପାଇଁ ଆରଏମ୍‌ସି ପକ୍ଷରୁ ଏକ ଡଷ୍ଟବିନ ୟାର୍ଡ ତିଆରି କରାଯାଇଛି। ଏଠାରେ ମଧ୍ୟ ସପ୍ତାହକୁ ଥରେ ମଇଳା ଉଠାଇବା ଗାଡି ଆସୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କେବଳ ରାଉରକେଲା ସହରରେ ଏଭଳି ପରିସ୍ଥିତି ନୁହେଁ ବରଂ ସେକ୍ଟରର ବିଭିନ୍ନ ଅଞ୍ଚଳରେ କୁଢ଼ କୁଢ଼ ଅଳିଆ ଜମା ହୋଇ ରହିଥିବା ଦେଖିବାକୁ ମିଳିଛି। ତେଣୁ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଆର୍‌ଏମ୍‌ସି ଉପଆୟୁକ୍ତ ପଲ୍ଲବୀ ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ରାଉରକେଲା ସହରରେ ସ୍ୱଚ୍ଛତା ସେବା ଅଭିଯାନ ପାଇଁ ଆରଏମ୍‌ସି ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍‌କୁ ସହଯୋଗ କରିବା ପାଇଁ ସ୍ୱଚ୍ଛ ସାଥୀ ଓ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୨ ଦିନ ଭିତରେ ବିଭିନ୍ନ ସ୍ଥାନରେ ପଡିଥିବା ଅଳିଆ ସ୍ଥାନକୁ ସଫେଇ କରିବା ସହ ସ୍ଥାନୀୟ ଲୋକଙ୍କୁ ଏ ନେଇ ଅବଗତ କରାଇବାକୁ ଉଦ୍ୟମ କରିବୁ ବୋଲି ନାୟକ କହିଥିଲେ।

# ପାଣିରେ ବୁଡ଼ି ଯୁବକ ମୃତ

କୁଚିଣ୍ଡା,୨୩।୯(ବିରଞ୍ଚି ଦର୍ଜ୍ଜୀ)

ସମ୍ବଲପୁର ଜିଲା ମହୁଲପାଲି ଥାନା ଅଞ୍ଚଳର ଜଣେ ଯୁବକ ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତ ଯୁବକ ହେଲେ କୁଚିଣ୍ଡା ବ୍ଲକ ବାଙ୍କେ ପଞ୍ଚାୟତ ଗୋପାଳପାଲି ଗ୍ରାମର ରଞ୍ଜିତ ବାଗ(୩୦)। ଏ ନେଇ ମହୁଲପାଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ମେଡିକାଲକୁ ପଠାଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ମୃତ ରଞ୍ଜିତ ସୋମବାର ମଧ୍ୟାହ୍ନରେ ବିଲ ମଝିରେ ଥିବା ମଲାରମୁଣ୍ଡା ନାମକ ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ମାତ୍ର ଗାଧୋଇବା ସମୟରେ ସେ ପାଣିରୁ ବାହାରି ପାରି ନ ଥିଲେ। କିଛି ସମୟ ପରେ ଗ୍ରାମର ଲୋକେ ବିଲରୁ ଫେରି ଏହି ପୋଖରୀକୁ ଗାଧୋଇବାକୁ ଯିବା ସମୟରେ ରଞ୍ଜିତଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ।

# ସାଂସ୍କୃତିକ, ଐତିହ୍ୟ ପ୍ରଚାରରେ ନୂଆଁଖାଇ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଜୁହାର ପରିବାର ବାଙ୍ଗାଲୋର ପକ୍ଷରୁ ୨୫ ତମ ନୂଆଁଖାଇ ମହୋତ୍ସବ**

ସମ୍ବଲପୁର,୨୩।୯ (ଭବାନୀ ଶଙ୍କର ଭୋଇ)

ଜୁହାର ପରିବାର ବାଙ୍ଗାଲୋର ପକ୍ଷରୁ ୨୫ ତମ ନୁଆଁଖାଇ ମହୋତ୍ସବ ଆୟୋଜିତ ହୋଇଯାଇଛି । ବାଙ୍ଗାଲୋରରେ ଇଷ୍ଟଦେବୀ ସମଲେଇଙ୍କ ପୂଜାର୍ଚ୍ଚନା ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ୭୦ରୁ ଅଧିକ କଳାକାର ବାଙ୍ଗାଲୋର ନୁଆଁଖାଇ ମହୋତ୍ସବରେ ସାଂସ୍କୃତିକ ନୃତ୍ୟ ପ୍ରଦର୍ଶନ କରିଥିଲେ । ପ୍ରଖ୍ୟାତ ସମ୍ବଲପୁରୀ ଗାୟକ ରୁକୁ ସୁନା ଏବଂ ଅର୍ଚ୍ଚନା ପାଢ଼ୀଙ୍କ ସଙ୍ଗୀତ ସହ ହାସ୍ୟ କଳାକାର ଯୋଗେଶ ଜୋଜୋ ଅଭିନୟ ଜରିଆରେ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲେ। ନୂଆଁଖାଇ କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ରହିଥିଲା। ଅଭିନେତା ତଥା ନୃତ୍ୟଗୁରୁ ଭରତ ଗେରବ ଦାଶଙ୍କ ନେତୃତ୍ୱରେ ଲୋକକଳାକାରମାନେ ଚିତ୍ତାକର୍ଷକ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ହ୍ୟାରି ଏବଂ ଜୟଶ୍ରୀ ମଧ୍ୟ ସେମାନଙ୍କର ସମ୍ବଲପୁରୀ ନାଚରେ ଦର୍ଶକଙ୍କୁ ବିମୋହିତ କରିଥିଲେ। ଏହାସହ ଫ୍ୟାଶନ୍ ଡିଜାଇନର୍ ସାମ ଏବଂ ରାଜୀବଙ୍କ ନେତୃତ୍ୱରେ ସମ୍ବଲପୁରୀ ହବ୍ ଦ୍ୱାରା ଫ୍ୟାଶନ୍ ସୋ ଆୟୋଜିତ ହୋଇଥିଲା । ପାରମ୍ପରିକ ସମ୍ବଲପୁରୀ କପଡାକୁ ରେମ୍ପରେ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମାନସ ମିଶ୍ର, ସୂର୍ଯ୍ୟ ଗୁରୁ, ପାରୁଲ ଶର୍ମା ଏବଂ ସ୍ମରଣିକା ଧର ପରିଚାଳନା କରିଥିଲେ। ଜୁହାର ପରିବାର ବାଙ୍ଗାଲୋରର ସମ୍ପାଦକ ସତ୍ୟଜିତ ଚଏନୀ ତାଙ୍କ ସମ୍ବୋଧନରେ ପଶ୍ଚିମ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ତଥା ପ୍ରଚାର କରିବାରେ ନୂଆଁଖାଇ ଭେଟ୍‌ଘାଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ବର୍ଣ୍ଣନା କରିଥିଲେ। ବାଙ୍ଗାଲୋରର ସାଂସଦ ପି.ସି. ମୋହନ, ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉତ୍ସବରେ ଅତିଥି ଭାବରେ ଉପସ୍ଥିତ ରହିଥିଲେ। ସମାଜରେ ଉଲ୍ଲେଖନୀୟ ଅବଦାନକୁ ସମ୍ମାନ ଜଣାଇ ଭାରତର ଅନ୍ୟତମ ହୃଦରୋଗ ବିଶେଷଜ୍ଞ ଡକ୍ଟର ବ୍ୟୋମକେଶ ଦୀକ୍ଷିତଙ୍କୁ ସମ୍ମାନଜନକ ଜୁହାର ସମ୍ମାନ ପ୍ରଦାନ କରାଯାଇଥିଲା । ଏଥିସହ ସମ୍ବଲ ସାମାଜିକ ଅନୁଷ୍ଠାନର ପ୍ରତିଷ୍ଠାତା ରାମଦାସ ପଣ୍ଡା, ସାମାଜିକ କାର୍ଯ୍ୟକର୍ତ୍ତା ଭୋଲା ମହନ୍ତମ ଏବଂ ଅଭିନେତ୍ରୀ ଡକ୍ଟର ତାପସ୍ୱିନୀ ଗୁରୁଙ୍କୁ ମଧ୍ୟ ସମାରୋହରେ ସମ୍ମାନିତ କରାଯାଇଥିଲା। ଜୁହର ପରିବାର ବାଙ୍ଗାଲୋରର ସଭାପତି ଶୋଭାନ୍ ଦାଶ ଆୟୋଜନରେ ସହଯୋଗ କରିଥିବା ସମସ୍ତଙ୍କୁ ହୃଦୟରୁ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ପ୍ରତିଷ୍ଠାତା ସଦସ୍ୟ ବିଶ୍ୱଜିତ ପ୍ରଧାନ, ଫନିନ୍ଦ୍ର ସା ଏବଂ ସନ୍ଦୀପ ପାଣିଙ୍କ ସହ ବରିଷ୍ଠ ସଦସ୍ୟ ଶରତ ରାୟ ଚୌଧୁରୀ, ପିତାମ୍ବର ପାରିଚ୍ଛା, ଶୋଭନ୍ ଦାଶ ଏବଂ ସତ୍ୟଜିତ ଚେନ୍ନାଇଙ୍କୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଆୟୋଜନରେ ମଳୟ ସାହୁ, ସନ୍ଦୀପ ପ୍ରଧାନ, ଚିନ୍ମୟ ଭୋଇ, ଆନନ୍ଦ ମେହେର, ପ୍ରଭାତ ମିଶ୍ର, ଆନନ୍ଦ ମିଶ୍ର, ଆକାଶ ସାହୁ, ଆକାଶ ପୁରୋହିତ, ସୁବ୍ରତ, ପ୍ରବୀର ପାଣିଗ୍ରାହୀ, ସଚ୍ଚିଦାନନ୍ଦ କର, ରୋଶନ ପଣ୍ଡାଙ୍କ ସହ ଜୁହାର ପରିବାର ବାଙ୍ଗାଲୋରର ମିଡିଆ ସଂଯୋଜକ ସୁଦୀପ୍ତ ପଣ୍ଡା ସହଯୋଗ କରିଥିଲେ।


ବାଙ୍ଗାଲୋରଠାରେ ନୂଆଁଖାଇ ମହୋତ୍ସବରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

# ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ସ୍ମାରକପତ୍ର


ହିନ୍ଦୁ ସମାଜ କର୍ମକର୍ତ୍ତାମାନେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

କୁଚିଣ୍ଡା,୨୩।୯(ବିରଞ୍ଚି ଦର୍ଜ୍ଜୀ)

**ଅନୁପ୍ରବେଶକାରୀ, ବାଂଲାଦେଶୀ ଚିହ୍ନଟ ଦାବି**

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ସହର, ଗ୍ରାମଗୁଡିକରେ ଅନୁପ୍ରବେଶକାରୀ, ବାଂଲାଦେଶୀ ରୋହିଙ୍ଗ୍ୟା ଏବଂ ହାଲେଲୁଇୟାମାନେ ସରକାରୀ ଜମିକୁ ଦଖଲକୁ ନେଇ ବସବାସ କରୁଥିବା ଅଭିଯୋଗ ହୋଇଛି। ଏହି ସମ୍ପ୍ରଦାୟର ଲୋକ କୁଚିଣ୍ଡା ଉପଖଣ୍ଡରେ ବସବାସ କରି ବିଭିନ୍ନ ଚୋରି, ଡକାୟତି, ହତ୍ୟା, ରାହାଜାନୀ ଏବଂ ବଳାତ୍କାର ଭଳି ସମ୍ବେଦନଶୀଳ ଘଟଣାରେ ସମ୍ପୃକ୍ତି ରହୁଥିବାରୁ ଏଠାକାର ସ୍ଥାୟୀବାସିନ୍ଦାମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ତେଣୁ ଏମାନଙ୍କୁ ଚିହ୍ନଟ ପୂର୍ବକ ତାଙ୍କର ସ୍ଥାୟୀ ଠିକଣା ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିବା, ବିନା ଯାଞ୍ଚରେ କୁଚିଣ୍ଡା ଅଞ୍ଚଳରେ କାହାକୁ ପୁରାଇ ନ ଦେବା, ରାଜ୍ୟ ବାହାରୁ ଆସୁଥିବା ରାଜମିସ୍ତ୍ରୀ, ଶ୍ରମିକଙ୍କର ଠିକ ଯାଞ୍ଚ କରିବା, ହାଲେଲୁଇୟା ଧର୍ମାନ୍ତରକରଣ ବନ୍ଦ କରିବା ପ୍ରମୁଖ ଦାବି ନେଇ ସୋମବାର କୁଚିଣ୍ଡା ଉପଜିଲାପାଳଙ୍କ ଜରିଆରେ ଜିଲାପାଳଙ୍କୁ ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉପଜିଲାପାଳ ହେମସାଗର ଭୋଇ ଦାବିପତ୍ର ଗ୍ରହଣ କରି ଏଦିଗରେ ପଦକ୍ଷେପ ନେବେ ବୋଲି କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ରାମଚରଣ ରାୟ, ଅବନୀ ବେହେରା, ଜା.କୁମାର ବିକ୍ରମ, ଓମକାର ସାହୁ, ବୁଲୁ ଅଗ୍ରୱାଲ, ସୈଲେନ୍ଦ୍ର ଧଳ, ଭିକୁ ନାଏକ, ଶ୍ରୀକାନ୍ତ ଦ୍ୱିବେଦୀ, ନରେଶ ପଟେଲ, ଅତିଶ ଅଗ୍ରୱାଲ, କୁଳଦୀପ ମିଶ୍ର, କୈଳାସ ଅଗ୍ରୱାଲଙ୍କ ସମେତ ହିନ୍ଦୁ ସମାଜର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଦିଲ୍ଲୀରେ ନୂଆଁଖାଇ ପର୍ବ ଉଦ୍‌ଯାପିତ

ସମ୍ବଲପୁର,୨୩।୯(ବି.ଶଙ୍କର)

ଦିଲ୍ଲୀ ଜୁହାର ପରିବାରର ରଜତ ଜୟନ୍ତୀ ନୂଆଁଖାଇ ପରବ ରବିବାର ରାତିରେ ଜବାହାରଲାଲ ନେହେରୁ ଷ୍ଟାଡ଼ିୟମ ପ୍ରେକ୍ଷାଳୟରେ ଉଦ୍‌ଯାପିତ ହୋଇଯାଇଛି। ୟୁକ୍ରେନର ରାଜଦୂତ ଡ଼. ଓଲେକସାନଦର ପୋଲିଶଚୁକ ମୁଖ୍ୟ ଅତିଥି, ଉତ୍ତର ପ୍ରଦେଶ ପୋଲିସ ଅପରାଧ ଶାଖା ମହାନିର୍ଦ୍ଦେଶକ ସତ୍ୟନାରାୟଣ ସାବତ, କେରଳ ପୋଲିସ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ସଂଜୀବ ପାଇଯୋଷୀ, ଭାରତୀୟ ନବୀକରଣ ଶକ୍ତି ବିକାଶ ଏଜେନ୍ସି ଆଇଆରଇଡିଏ ନିର୍ଦ୍ଦେଶକ (ବିତ୍ତ) ଡ.ବିଜୟ କୁମାର ମହାନ୍ତି ଓ ଚଳଚ୍ଚିତ୍ର ନିର୍ମାତା ଜିତେନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଲୋକପ୍ରିୟ ଗାୟକ ଅସୀମା ପଣ୍ଡା ଓ ସାଥି, ଶାଶ୍ୱତ ତ୍ରିପାଠୀ, ସଙ୍ଗୀତା ରାଉତଙ୍କ ଗୀତ, ପ୍ରତିଭା ଭବାନୀପାଟଣାର ବଜାସାଲ, ସମ୍ବଲପୁର ଫୋକ ଆର୍ଟ ସେଣ୍ଟର କଳାକାରଙ୍କ ରସରକେଲି ଓ ନୃତ୍ୟ ନାଟିକା ମାଟିର ମହକ, ରେପ୍ପର ଜ୍ୟୋତିରଞ୍ଜନ ଜେଆରଏମ୍‌ଙ୍କ ସମ୍ବଲପୁରୀ ରେପ୍ପ ସଙ୍ଗୀତ, ବଲାଙ୍ଗୀର ଜିଲା ଜ୍ୟୋତି ଅନୁଷ୍ଠାନର ଦୁଲଦୁଲି ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଅତିଥି ଓ ଦର୍ଶକମାନେ ସୋନପୁର ଜିଲାର ଅର୍ଜୁନ ରଥଙ୍କର ପ୍ରସ୍ତୁତ ପାରମ୍ପରିକ ସମ୍ବଲପୁରୀ ଖାଦ୍ୟ କରଡ଼ି ହେଂଡୁଆ, ଆମ୍ବିଲ ଲେଥା, ଅରସା ସହ ଅନ୍ୟ ଖାଦ୍ୟର ମଜା ନେଇଥିଲେ । କାର୍ଯ୍ୟକ୍ରମ ଆୟୋଜନ ରେ ରଞ୍ଜନ ପ୍ରଧାନ, ମାନସ ମିଶ୍ର, କୁନ୍ତଳା ଭୋଇ, ବିଜୟାନନ୍ଦ ନାଏକ, ଅନୁପମ ମିଶ୍ର, ଦେବାଶିଷ ମାଝୀ, ପିନାକୀ ପ୍ରସାଦ ରଥ, ବିବେକ ପାତ୍ର, ଦେବଦତ୍ତ ଦାଶ, ବିଜୟ ତ୍ରିପାଠୀ, ବାସୁଦେବ ତ୍ରିପାଠୀ, ସୁନୀଲ ପଟେଲ, ସର୍ବେଶ୍ୱର ପଧାନ, ଜଗଦୀଶ ପଟେଲ, ଚନ୍ଦ୍ରଶେଖର ପାଢ଼ୀ, କୈଳାଶ ନାଏକ, ଅଜିତ ଦାଶ, ତାପସ ଷଡ଼ଙ୍ଗୀ, ଶ୍ରୀକାନ୍ତ ମିଶ୍ର, ମାନସ ମହାନ୍ତି, ଅରକ୍ଷିତ ଶାସ୍ତ୍ରୀ, ସତ୍ୟ ପ୍ରଧାନ, ଆକାଶ ପାଣିଗ୍ରାହୀ, ସୁଜିତ ପଟେଲ, ଦୀନେଶ ନାୟକ, ବଦ୍ରିନାରାୟଣ ମିଶ୍ର, ମନୋଜ ପ୍ରଧାନ, ମାନସ ସାହୁ, ସୁଧୀର ସାହୁ, ପଞ୍ଚାନନ ପ୍ରଧାନ, କେଶବ ତାମୁକା, ରାଜୀବ ଦଣ୍ଡସେନା, ମନୋଜ ସାହୁ, ଦିଲୀପ ବେହେରା, ମାନସ ପାଢ଼ୀ, ନିର୍ମଳ ଦେହରୀ, ରାଜ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।


ଦିଲ୍ଲୀ ଜୁହାର ପରିବାରର ରଜତ ଜୟନ୍ତୀ ନୂଆଁଖାଇ ପରବରେ ଅତିଥି ଓ କର୍ମକର୍ତ୍ତାମାନେ ।

# ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ଉଡାନ୍ ସ୍କଲାରଶିପ୍ ପ୍ରଦାନ



ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ଆୟୋଜିତ ଉଡାନ ସ୍କଲାରଶିପ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ମେଧାବୀ ଛାତ୍ରୀଛାତ୍ର।

ସମ୍ବଲପୁର, ୨୩।୯(ବି.ଶଙ୍କର)

ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ଉଡାନ ସ୍କୋଲାରଶିପ (ଛାତ୍ରବୃତ୍ତି)୨୦୨୩-୨୦୨୪ ଝାରସୁଗୁଡା ଜିଲାର ବ୍ଲାକ ଡାଇମଣ୍ଡ ସ୍କୁଲ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡା ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ୧୮୮ ଜଣଙ୍କ ମଧ୍ୟରୁ ୫୮ ମେଧାବୀ ଛାତ୍ରୀଛାତ୍ରଙ୍କୁ ୨୦୨୩-୨୪ ଆର୍ଥିକ ବର୍ଷରେ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି । ଜେଏସ୍‌ଡବ୍ଲ୍ୟୁ ବିପିଏସଏଲ ସମ୍ବଲପୁର ୱାର୍କସ ଆଣ୍ଡ ଜେଏସ୍‌ଡବ୍ଲ୍ୟୁ ଏନର୍ଜି (ଉତ୍କଳ) ଲିମିଟେଡର ସିଏସ୍‌ଆର ମୁଖ୍ୟ ବିଶାଲ ରାଜ ଯୋଗଦେଇ ଏହି ଅଞ୍ଚଳରେ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ଦ୍ୱାରା ଦିଆଯାଉଥିବା ଉଡାନ ସ୍କଲାରସିପ ପ୍ରକଳ୍ପ ବିଷୟରେ ସୂଚନା ଦେଇଥିଲେ। ବିଶିଷ୍ଟ ଶିକ୍ଷାବିତ ତଥା ବ୍ଲାକ୍ ଡାଇମଣ୍ଡ ସ୍କୁଲ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜ ଚେୟାମ୍ୟାନ ଅବିନାଶ ସିଂ, ଶ୍ରୀରାମ ରୟ ଏବଂ ଅମ୍ବିକା ରାଜ, ରଞ୍ଜିତ କୁମାର ଦାସ, ସ୍ନେହାଲତା ମିଶ୍ର ଏବଂ ସୁଧାକର ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିବା ସହ ଉତ୍ସାହିତ କରିଥିଲେ। ଏହି ଛାତ୍ରବୃତ୍ତି କେବଳ ଆର୍ଥିକ ସହାୟତା ପ୍ରଦାନ କରେ ନାହିଁ ବରଂ ସେମାନଙ୍କ ଉଚ୍ଚ ଶିକ୍ଷା ଜାରି ରଖିବାକୁ ସହ ଉତ୍ତମ ଭବିଷ୍ୟତ ସୁରକ୍ଷିତ କରିବାକୁ ସ୍ଥିର କରିଥାଏ । ଯାହାକି ଛାତ୍ରୀଛାତ୍ରଙ୍କ ପାଇଁ ଏକ ଆଶାର ଆଲୋକ ଭାବରେ କାର୍ଯ୍ୟ କରିଥାଏ ବୋଲି ଅତିଥିମାନେ କହିଥିଲେ। ଜେଏସଡବ୍ଲ୍ୟୁ ଉଡାନ ସ୍କୋଲାରସିପ ପାଇଁ ଭବିଷ୍ୟତ ଯୋଜନା ଉପରେ ଏକ ସଂକ୍ଷିପ୍ତ ସୂଚନା ଦିଆଯାଇଥିଲା ।

# ଜିଏମ୍‌ୟୁ ଇଂରାଜୀ ବିଭାଗର ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର, ୨୩।୯(ବି.ଶଙ୍କର)

**ସାମ୍ପ୍ରତିକ ଜୀବନରେ ଇଂରାଜୀ ଭାଷାର ଆବଶ୍ୟକତା ରହିଛି**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଇଂରାଜୀ ବିଭାଗ ପକ୍ଷରୁ ସମ୍ବଲପୁର ଜିଲା ତାଲବ ସରକାରୀ ଉଚ୍ଚ ବିଦ୍ୟାଳୟରେ ସାମାଜିକ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଏମ୍‌ୟୁ ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟାପକମାନେ ତାଲବ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ସହ ସାକ୍ଷାତକରି ସାମ୍ପ୍ରତିକ ଜୀବନରେ ଇଂରାଜୀ ଭାଷାର ଆବଶ୍ୟକତା ରହିଛି। ତେଣୁ ଏହି ଭାଷାରେ ଦକ୍ଷତା ବିକାଶର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଯେ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ତାଲବ ଉଚ୍ଚ ବିଦ୍ୟାଳୟକୁ ଦକ୍ଷତା ବିକାଶ ପାଇଁ ପୋଷ୍ୟ ଭାବେ ଗ୍ରହଣ କରିଛି। ଏହି ଅବସରରେ ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଅଞ୍ଜଳି ତ୍ରିପାଠୀ, ଅଧ୍ୟାପକ ଡ. ପି. ମୁରଲୀଧର ଶର୍ମା, ଡ. ବ୍ରହ୍ମାନନ୍ଦ ପାତ୍ର, ଡ. ନମ୍ରତା ବେହେରା, ଜସ୍ପାଲ କୌର, ଶୁଭ୍ର ପୂଜାରି ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅପରାଜିତା ରଥ, ସନ୍ତୋଷିନି ଦାସ, ଶାଶ୍ୱତୀ ପଣ୍ଡା ଓ ଶିକ୍ଷକ ବିକାଶ ରଞ୍ଜନ ସାହୁ, ଜିତେନ୍ଦ୍ର କୁମାର ଏକା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଇଂରାଜୀ ଭାଷାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ସେହିପରି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଏକ ନାଟକ ମାଧ୍ୟମରେ ସ୍କୁଲର ବିଦ୍ୟାର୍ଥୀମାନଙ୍କୁ ଇଂରାଜୀ ଶିକ୍ଷା ପାଇଁ ପ୍ରେରଣା ଦେବା ସହ ସେମାନଙ୍କ ଦକ୍ଷତା ବୃଦ୍ଧି କରିବାର ପ୍ରୟାସ କରିଥିଲେ। ସେମାନେ ମଧ୍ୟ ବିଦ୍ୟାଳୟର ଚାଲିଥିବା ପାଠପଢା, ଦିନଚର୍ଯ୍ୟା ଓ ବିଭିନ୍ନ କ୍ରିୟାକଳାପ ସମ୍ବନ୍ଧରେ ଜ୍ଞାନ ଆହରଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଇଂରାଜୀ ବିଭାଗର ଏହି ପ୍ରୟାସକୁ ଧନ୍ୟବାଦ ଜଣାଇଲେ ଏବଂ ଏହାକୁ ଜାରି ରଖିବାକୁ ଅନୁରୋଧ କରିଥିଲେ ।



ତାଲବ ସରକାରୀ ଉଚ୍ଚ ବିଦ୍ୟାଳୟରେ ସାମାଜିକ ସଚେତନତା କାର୍ଯ୍ୟକ୍ରମ ।

# ଏମ୍ସ ମହାବିଦ୍ୟାଳୟରେ ଶରୀର ଗଠନ, ଚକ୍ଷୁଦାନ ଶୀର୍ଷକ କର୍ମଶାଳା

ସମ୍ବଲପୁର, ୨୩।୯(ବି.ଶଙ୍କର)

ସମ୍ବଲପୁର ପରଧିଆପାଲିସ୍ଥିତ ଏମ୍ସ ମହାବିଦ୍ୟାଳୟ ପରିସରରେ ଶରୀର ଗଠନ ଏବଂ ଚକ୍ଷୁଦାନ ଶୀର୍ଷକ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ବୀର ସୁରେନ୍ଦ୍ର ସାଏ ଆୟୁର ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନର ଚକ୍ଷୁ ବିଭାଗର ମୁଖ୍ୟ ପ୍ରଫେସର ଜୟଶ୍ରୀ ଦୋରା ଏବଂ ଶରୀର ଗଠନ ବିଭାଗର ମୁଖ୍ୟ ଡାକ୍ତର ଜିନୀତା ବି ଯୋଗଦେଇଥିଲେ। କର୍ମଶାଳାରେ ଉଚ୍ଚତର ମାଧ୍ୟମିକ ବିଜ୍ଞାନର ଛାତ୍ରୀଛାତ୍ରଙ୍କୁ ଶରୀର ଓ ଚକ୍ଷୁଦାନ ବିଷୟରେ ଶିଶୁଙ୍କୁ ଜ୍ଞାନ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଶ୍ରୀମନ୍ତ ପାତ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ. ଅଭିନାଶ ମିଶ୍ର ଏବଂ ଅଧ୍ୟକ୍ଷ ଅଭିଜିତ ବାବୁ ଉପସ୍ଥିତ ରହି ସୂଚନା ପ୍ରଦାନ କରିଥିଲେ। ଏହି କର୍ମଶାଳାକୁ ସଂସ୍କୃତ ବିଭାଗର ଶିକ୍ଷୟିତ୍ରୀ ବବଲି ଦୁଆନ ଏବଂ ହିନ୍ଦୀ ଶିକ୍ଷୟିତ୍ରୀ ଭାରତୀ ରାଣୀ ଦାଶ ପରିଚାଳନା କରିଥିଲେ। ଅକ୍ଟୋବର ୨ରେ ପବିତ୍ର ମହାଳୟା ଦିନ ସମ୍ବଲେଶ୍ୱରୀ ମନ୍ଦିର ପରିସରରେ ବୀର ସୁରେନ୍ଦ୍ର ସାଏ ଆୟୁରବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନର ଚକ୍ଷୁ ବିଭାଗ ଏବଂ ଶରୀର ଗଠନ ବିଭାଗ ସହାୟତାରେ ଚକ୍ଷୁ ଓ ଶରୀର ଦାନ ଶିବିର ଅନୁଷ୍ଠିତ ହେବ ବୋଲି ଏମ୍ସ ସଙ୍ଗଠନର ପ୍ରତିଷ୍ଠାତା ଶ୍ରୀମନ୍ତ ପାତ୍ର ଜଣାଇଛନ୍ତି ।

# ବିକାଶ ମେଳା ଉଦ୍‌ଯାପିତ

**ସମ୍ବଲପୁରରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ**

ସମ୍ବଲପୁର,୨୩।୯(ପ୍ରମୋଦ ବହିଦାର)

ସମ୍ବଲପୁର ମନ୍ଦଲିଆ ପଡ଼ିଆରେ ଗତ ତିନିଦିନ ଧରି ଚାଲିଥିବା ବିକାଶମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମହାନଗର ନିଗମ ପକ୍ଷରୁ ପାଳିତ ହେଉଥିବା 'ସ୍ୱଚ୍ଛତା ହିଁ ସେବା' ପକ୍ଷ ଅନ୍ତର୍ଗତ ପ୍ରତିଦିନ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସହରବାସୀଙ୍କୁ ସ୍ୱଚ୍ଛତା ପ୍ରତି ସଚେତନ କରାଯାଉଛି। ଜନସାଧାରଣଙ୍କ ମଧ୍ୟରେ ସ୍ୱଚ୍ଛତା ସଚେତନତା ଜାଗ୍ରତ ପାଇଁ ବିକାଶ ମେଳାରେ ତିନିଦିନିଆ ସ୍ୱଚ୍ଛତା ସଚେତନତାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଯାହା ମାଧ୍ୟମରେ ଜନସାଧାରଣଙ୍କୁ ଏକତ୍ରିତ କରି ନିଜ ଅଞ୍ଚଳକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖିବାକୁ ପ୍ରୋତ୍ସାହିତ କରାଯାଉଛି। ଏହି ପରିପ୍ରେକ୍ଷୀରେ ସୋମବାର ଉଦ୍‌ଯାପନୀ ଦିବସରରେ ସମ୍ବଲପୁର ମହାନଗର ଅନ୍ତର୍ଗତ ମନ୍ଦଲିଆ ପଡ଼ିଆରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ସେଣ୍ଟ ଜୋସେଫ୍ କନଭେଣ୍ଟ ଉଚ୍ଚ ମାଧ୍ୟମିକ ସ୍କୁଲ, ଗୋବିନ୍ଦତୋଲା ଉଚ୍ଚ ବିଦ୍ୟାଳୟ, ହୀରାକୁଦ ଏନ୍‌ଏସି ମହାବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ଆଇଆଇଏମ୍ ସମ୍ବଲପୁରର ଏକ ସ୍ୱତନ୍ତ୍ର ଦଳ ସ୍ୱଚ୍ଛତା ଆଧାରିତ ଏକ ଚିତ୍ତାକର୍ଷକ କ୍ଷୁଦ୍ର ନାଟକ 'ବାଉଳ ଝୁପା' ପ୍ରଦର୍ଶନ କରିଥିଲେ। ଏହାସହ ଡୁଲାରାମ କଲେତ ଓ ସାଥୀଙ୍କ ପକ୍ଷରୁ ଷ୍ଟାର ନାଇଟ୍ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଦ୍ୱିତୀୟ ଦିନରେ ଗତ ରବିବାର ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗାୟିକା ଅନ୍ତରା ଚକ୍ରବର୍ତ୍ତୀ ଓ ଗାୟକ ସତ୍ୟଜିତ ପ୍ରଧାନଙ୍କ ସହିତ ହାସ୍ୟ ଅଭିନେତା ରିତେନ ପଟ୍ଟନାୟକ, ଲେଡି ଲୁଇସ୍ ଉଚ୍ଚ ବିଦ୍ୟାଳୟର ଛାତ୍ରୀ, ମାନେଶ୍ୱର ଉଚ୍ଚ ବିଦ୍ୟାଳୟ, ଏନଏସ୍‌ସିବି କଲେଜ, କହଁର ଗ୍ରୁପ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପରଫର୍ମିଂ ଆର୍ଟ ବିଭାଗ ଫେକଲ୍ଟି ମମତା ସାହୁ ଯୋଗ ଦେଇ ନିଜି କଳା ନୈପୁଣ୍ୟ ପ୍ରଦର୍ଶନ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ଭେଦ ଭୂଷଣ, ଉପାୟୁକ୍ତ ସରୋଜିନୀ କୁଲୁ, ସହକାରୀ ଆୟୁକ୍ତ ଶୁଭଦିପ୍ତା ମହାନ୍ତି ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ମନ୍ଦଲିଆ ପଡ଼ିଆରେ ବିକାଶ ମେଳା ଉଦ୍‌ଯାପନୀ ସମାରୋହରେ ଅତିଥି।

# ଲୋକମୁକ୍ତି ସଙ୍ଗଠନ ପକ୍ଷରୁ ଉପଜିଲାପାଳ ଅଫିସ ଘେରାଉ

କୁଚିଣ୍ଡା,୨୩।୯(ବିରଞ୍ଚି ଦର୍ଜ୍ଜୀ)

ଜଙ୍ଗଲ ଅଧିକାର ଆଇନର ଠିକ୍ କାର୍ଯ୍ୟକାରିତା ଓ ମୋ ଜଙ୍ଗଲ ଜମି ଯୋଜନା ନାମରେ ଜଙ୍ଗଲ ଅଧିକାର ଆଇନର ଖୋଲା ଉଲ୍ଲଂଘନ ରୋକିବା ଦାବି ନେଇ ଲୋକମୁକ୍ତି ସଙ୍ଗଠନ ବାମରା ବ୍ଲକ ପକ୍ଷରୁ ସୋମବାର କୁଚିଣ୍ଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ସଇଡା ମେଗା ଜଳସେଚନ ପ୍ରକଳ୍ପରୁ ସହସ୍ରାଧିକ ଆଦିବାସୀ ମହିଳା ଓ ପୁରୁଷ ଏକ ବିରାଟ ଶୋଭାଯାତ୍ରାରେ ଆସି ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଲୋକମୁକ୍ତି ସଙ୍ଗଠନର କେନ୍ଦ୍ରିୟ କମିଟି ସାଧାରଣ ସମ୍ପାଦକ ଗ୍ରେଗୋରୀ ସାମାଦଙ୍କ ସଂଯୋଜନାରେ ବିକ୍ଷୋଭ ସଭା ହୋଇଥିଲା। ଏଥିରେ ଲୋକମୁକ୍ତି ସଙ୍ଗଠନର ଉପଦେଷ୍ଟା ଅନନ୍ତ ପଣ୍ଡା,ବାମରା ବ୍ଲକ ସଭାପତି ପାତ୍ର ବାଘ, ସଂଯୋଜକ ଜିନିତ ସାମାଦ, କଂଗ୍ରେସ ନେତା କେଦାରନାଥ ବରିହା, ପୂର୍ବତନ ଜିଲା ପରିଷଦ ସଭ୍ୟ ଖଡୁନାଥ ପିଙ୍ଗ, ଇରାତ ନାଏକ, ସମିତି ସଭ୍ୟ ହାବିଲ ଏକ୍କା ପ୍ରମୁଖ ଯୋଗଦେଇ ଜଙ୍ଗଲ ଅଧିକାର ଆଇନ ଓ ସଂଶୋଧିତ ନିୟମାବଳୀ ଉପରେ ନିର୍ଭରଶୀଳ ଆଦିବାସୀ ଓ ବନବାସୀଙ୍କ ପାଇଁ ରହିଥିବା ବିଭିନ୍ନ ନିୟମାବଳୀ ଓ ଅଧିକାର ଉପରେ ବକ୍ତବ୍ୟ ରଖିଥିଲେ। ପରେ ଉପଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ପ୍ରବୀଣା ବିଲୁଙ୍ଗ ସ୍ମାରକପତ୍ର ଗ୍ରହଣ କରିଥିଲେ। ଜଙ୍ଗଲ ଅଧିକାର ଆଇନରେ ମୋ ଜଙ୍ଗଲ ଜମି ଯୋଜନାର ତ୍ରୁଟି ସଂଶୋଧନ କରିବା, ଜଙ୍ଗଲ ଜମି ଯୋଜନା କାର୍ଯ୍ୟକାରୀ ସମୟରେ ଗ୍ରାମସଭା ଓ ଜଙ୍ଗଲ ଅଧିକାର କମିଟି ପ୍ରସ୍ତାବକୁ ଗୁରୁତ୍ୱ ଦେବା, ଜଙ୍ଗଲ ଜମିରେ ବ୍ୟକ୍ତିଗତ, ଗୋଷ୍ଠୀଗତ ଓ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାରକୁ ସୁନିଶ୍ଚିତ କରିବା, ପାରମ୍ପରିକ ବନବାସୀଙ୍କୁ ବ୍ୟକ୍ତିଗତ ଅଧିକାର ପ୍ରଦାନ କରିବା, କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ମାର୍ଗଦର୍ଶକର ଅନୁପାଳନ କରିବା, ବେସରକାରୀ ଅମିନ ଦ୍ୱାରା ଜଙ୍ଗଲ ଜମି ଚିହ୍ନଟକୁ ବନ୍ଦ କରି ସରକାରୀ ଅମିନ ବ୍ୟବସ୍ଥା କରିବା, ବାମରା ବ୍ଲକ ଅଞ୍ଚଳର ଗ୍ରାମସଭାରେ ଅନୁମୋଦିତ ଗୋଷ୍ଠୀ ଓ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ଦାବିକୁ ଜିଲାସ୍ତରକୁ ଶୀଘ୍ର ପଠାଇବା,ଭୂମିହୀନଙ୍କୁ ୪ ଡେସିମିଲ ପରିବର୍ତ୍ତେ ୧୦ ଡେସିମିଲ ଘରଡିହ ପଟ୍ଟା ପ୍ରଦାନ କରିବା, ଜମି ବନ୍ଦୋବସ୍ତ ନିୟମ ମୁତାବକ ଭୂମିହୀନ ପରିବାରଙ୍କୁ ୧ଏକର ପର୍ଯ୍ୟନ୍ତ ଚାଷଜମି ଯୋଗାଇଦେବା, ଦୀର୍ଘବର୍ଷ ଧରି ବସବାସ କରିଆସୁଥିବା ପରିବାରଙ୍କୁ ଉକ୍ତ ଜମିରେ ବନ୍ଦୋବସ୍ତ କରିବା ଆଦି ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର**



ଉପଜିଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଦୁର୍ଘଟଣାରେ ଜଣେ ମୃତ**

ବେଲପଡ଼ା,(ମନୋଜ କୁମାର ମିଶ୍ର): ବେଲପଡା ଥାନା ଧୁମାଭଟା-ହଟକଟ ରାସ୍ତାରେ ବାଇକ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ମୁରିବାହାଲ ଥାନା ତେନ୍ତୁଲିଖୁଣ୍ଟି ଗାଁର ଯୁବରାଜ ନାଏକ । ସେ କୌଣସି କାମ ପାଇଁ ବେଲପଡା ଅଞ୍ଚଳକୁ ଆସିଥିଲେ । ସୋମବାର ସନ୍ଧ୍ୟା ବେଳେ ଧୁମାଭଟା ରାସ୍ତା ଦେଇ ବାଇକ୍‌ରେ ନିଜ ଘରକୁ ଯାଉଥିଲେ । ହେଲେ କୌଣସି କାରଣରୁ ବାଇକ୍‌ଟି ଭାରସାମ୍ୟ ହରାଇ ଏକ କପା ଚାଷଜମିକୁ ମାଡିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଫଳରେ ଘଟଣାସ୍ଥଳରେ ଯୁବରାଜଙ୍କ ମୃତ୍ୟୁ ଘଟିଥିଲା ।



## ୨୯ରେ ଏବିଭିପିର ନଗର ସମ୍ମିଳନୀ

ବଲାଙ୍ଗୀର, ୨୩।୯ (ବୀରେନ୍ଦ୍ର କୁମାର ଝାଙ୍କର)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ବଲାଙ୍ଗୀର ନଗର ଶାଖାର ବୈଠକ ସ୍ଥାନୀୟ କଲେଜ ଛକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ସାରା ଭାରତବର୍ଷରେ ଚାଲିଥିବା ଏବିଭିପି ସଦସ୍ୟତା ଅଭିଯାନ, କଲେଜ ଶାଖା ଗଠନ, ନଗର ଶାଖା ଗଠନ ଓ ଆଗାମୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା । ବଲାଙ୍ଗୀର ନଗରରେ ସେପ୍ଟେମ୍ବର ୨୯ ତାରିଖ ଦିନ ବଲାଙ୍ଗୀର ନଗର ସମ୍ମିଳନୀ ଏବଂ ନୂଆଁଖାଇ ଭେଟଘାଟ କରିବାକୁ ନିଷ୍ପତ୍ତି ହୋଇଥିଲା । ବୈଠକ ଏବିଭିପି ବଲାଙ୍ଗୀର ବିଭାଗ ପ୍ରମୁଖ ରବୀନ୍ଦ୍ର କୁମାର ମେହେର, ଜିଲା ସହ ପ୍ରମୁଖ ଅରୁଣ କୁମାର ସାହୁ, ଜିଲା ସଂଯୋଜକ ଉତ୍ତମ ବରାଡ, ଜିଲା ସହସଂଯୋଜକ ଦିବ୍ୟ ରଞ୍ଜନ, ସଙ୍ଗଠନ ସମ୍ପାଦକ ବିକାଶ ସାହୁ, ରାଜ୍ୟ ଜିଜ୍ଞାସା ସହ ପ୍ରମୁଖ ଡ଼. ବୁଲୁ ମେହେର, ଶିବା ଗଡତିଆ, ସୌମ୍ୟରଞ୍ଜନ, ରାହୁଲ ପାଣିଗ୍ରାହୀ, ଅନୀଲ ସା, ସମୀର ବଡମାଳୀ, ମଞ୍ଜିତ କର୍ମୀ, ଅଭିଷେକ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୧ ଚୋରି ଗାଡ଼ି ଜବତ: ୩ ଜଣ କୋର୍ଟ ଚାଲାଣ

କଣ୍ଟାବାଞ୍ଜି, ୨୩।୯ (ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୧ଟି ଚୋରି ଦୁଇଚକିଆ ଯାନ ଜବତ କରିଛି । ସେଥିମଧ୍ୟରୁ ୮ଟି ମୋଟରସାଇକେଲ ଓ ୩ଟି ସ୍କୁଟି ରହିଛି । ଏହି ଚୋରି ର୍ୟାକେଟ୍‌ରେ ସଂପୃକ୍ତ ୩ଜଣଙ୍କୁ ପୋଲିସ ଗିରଫ କରି କଣ୍ଟାବାଞ୍ଜି କୋର୍ଟ ଚାଲାଣ କରିଛି । ସୋମବାର ଦିନ କଣ୍ଟାବାଞ୍ଜି ଥାନାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଗୌରାଙ୍ଗ ଚରଣ ସାହୁ ଏହି ସୂଚନା ଦେଇଛନ୍ତି ।

ପ୍ରକାଶ ଯେ, ଗତ ୧୯ ତାରିଖ ରାତିରେ କଣ୍ଟାବାଞ୍ଜି ଥାନାର ଏଏସ୍‌ଆଇ ଈଶ୍ୱର ଚନ୍ଦ୍ର ମାଝି ନିଜ କାର୍ଯ୍ୟ ସାରି କଣ୍ଟାବାଞ୍ଜି ଆଶ୍ରମପଡାସ୍ଥିତ ନିଜ ଭଡ଼ାଘରକୁ ମୋଟର ସାଇକେଲରେ ଆସିଥିଲେ । ସେ ନିଜ ମୋଟର ସାଇକେଲକୁ ଘର ପାଚେରି ଭିତରେ ଥିବା ପାର୍କିଂରେ ରଖିଥିଲେ । କିନ୍ତୁ ସକାଳେ ତାଙ୍କ ମୋଟରସାଇକେଲ ସେଠାରେ



ଜବତ ଚୋରି ଗାଡ଼ି ।

ନ ଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ । ଏ ନେଇ କଣ୍ଟାବାଞ୍ଜି ଥାନାରେ ନଂ ୩୬୯/୨୦୨୪ରେ ମାମଲା ରୁଜୁ ହୋଇଥିଲା । ପୋଲିସ ଏହି ଚୋରି ମୋଟର ସାଇକେଲର ସନ୍ଧାନ କରିବାରେ ଏହା କଳାହାଣ୍ଡି ଜିଲାର ରୁପ୍ରାରୋଡରେ ଥିବା ଜଣାପଡିଥିଲା । ଅଧିକ ଅନୁସନ୍ଧାନ ପରେ ବିଭିନ୍ନ ସ୍ଥାନରୁ ମୋଟରସାଇକେଲ ଚୋରି ହୋଇଥିବା ପୋଲିସ ଜାଣିବାକୁ ପାଇଥିଲା । ପରେ ବଲାଙ୍ଗୀର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍‌ରେ ଥିବା କଣ୍ଟାବାଞ୍ଜି ଆଇଆଇସି ରଶ୍ମିତା ବେହେରା, ସବ୍‌ଇନ୍ସପେକ୍ଟର ଏ.ନାୟକ, ଏଏସ୍‌ଆଇ ଈଶ୍ୱର ଚନ୍ଦ୍ର ମାଝି, ଏନ.କେ. ପରୁଆଙ୍କ ସମେତ କଣ୍ଟାବାଞ୍ଜି ପୋଲିସ ଷ୍ଟାଫ୍, କଳାହାଣ୍ଡିର ନର୍ଲା ଥାନା, ମଦନପୁର ରାମପୁର ଥାନା, କେସିଙ୍ଗା ଥାନା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା । ଚଢାଉ ସମୟରେ କଳାହାଣ୍ଡି ଜିଲା ନର୍ଲା ଥାନା ରୁପ୍ରାରୋଡ ଗ୍ରାମର ଅଭିନାଶ ସାହୁ (୨୫), କନ୍ଧମାଳ ଜିଲା ଲନ୍ଦୁକେଟ ଗ୍ରାମର ଅମନ ଦିଗାଲ ଓ କନ୍ଧମାଳ ଜିଲା ବାଲିଗୁଡା ଥାନା ଅମ୍ବାଗାଁର ଦୀପକ ଡାକୁଆଙ୍କଠାରୁ ୩ଟି ସ୍କୁଟି, ଗୋଟିଏ ପଲସର୍, ୨ଟି ଟିଭିଏସ୍ ଆପାଚି ଏବଂ ୫ଟି ମୋଟରସାଇକେଲ କଣ୍ଟାବାଞ୍ଜି ପୋଲିସ ଜବତ କରିଥିଲା । ଏହି ଘଟଣାରେ ଉପରୋକ୍ତ ୩ ଜଣଙ୍କୁ ଗିରଫ କରାଯାଇ ସୋମବାର କୋର୍ଟ ଚାଲାଣ କରାଯାଇଛି । କଣ୍ଟାବାଞ୍ଜି ଅଞ୍ଚଳରେ ଦିନକୁ ଦିନ ମୋଟରସାଇକେଲ ଚୋରଙ୍କ ପ୍ରାଦୁର୍ଭାବ ବଢି ଚାଲିଛି । ଏଥିରେ ସ୍ଥାନୀୟ ଚୋରଙ୍କ ସଂପୃକ୍ତି ଥାଇପାରେ ବୋଲି ସନ୍ଦେହ ଥିବାରୁ ଅଧିକ ତଦନ୍ତ ଜାରି ରହିଥିବା ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସାହୁ ପ୍ରକାଶ କରିଛନ୍ତି । ଏହି ସମ୍ମିଳନୀରେ ଆଇଆଇସି ବେହେରା ମଧ୍ୟ ଉପସ୍ଥିତ ଥିଲେ ।

## ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର


ଶିବିରରେ ଜିଲାପାଳ ଓ ଅନ୍ୟମାନେ ।

ଖପ୍ରାଖୋଲ, ୨୩।୯ (ଅଭୟ ତ୍ରିପାଠୀ)

ସ୍ଥାନୀୟ ବ୍ଲକ ସଭାଗୃହ ପରିସରରେ ଜିଲାପାଳ ଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲାପାଳ ଗୌରବ ଶିବାଜୀ ଇସଲୱାର, ସହକାରୀ ଆରକ୍ଷୀ ଅଧୀକ୍ଷକ ଆମ୍ରିତପାଲ କୌର, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ପାଟଣାଗଡ ଉପ ଜିଲାପାଳ ଅମିତ କୁମାର ନାୟକ, ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଯୋଗଦେଇ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ । ୬୬ ଟି ବ୍ୟକ୍ତିଗତ ଓ ଗୋଷ୍ଠୀଗତ ବିଭିନ୍ନ ଅଭିଯୋଗ ପଞ୍ଜୀକୃତ ହୋଇ ଶୁଣାଣି କରିଥିବା ବେଳେ ୭୦ଟି ଆବାସ ଗୃହ ସମ୍ପର୍କିତ ଅଭିଯୋଗ ପଞ୍ଜୀକୃତ ହୋଇଥିବା ଜଣାଯାଇଛି । ଏହି ଅବସରରେ ମୁଖ୍ୟ ଜିଲା କୃଷି ଅଧିକାରୀ ବାବୁଲି ଚରଣ ସେଠୀ, ଜିଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀଙ୍କ ସମେତ ଜିଲା ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

**ସିନିୟର ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ**

# ଫାଇନାଲରେ ରିଜର୍ଭ ପୋଲିସ-ସିସିଏଫ୍‌ଏ ମୁକାବିଲା

ବଲାଙ୍ଗୀର, ୨୩।୯ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆୟୋଜିତ ସିନିଅର ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟର ସୋମବାର ଦ୍ୱିତୀୟ ସେମି ଫାଇନାଲ ଖେଳ ବଲାଙ୍ଗୀର ରିଜର୍ଭ ପୋଲିସ ଦଳ ଓ କଣ୍ଟାବାଞ୍ଜି କେଏଫ୍‌ସି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ରିଜର୍ଭ ପୋଲିସ ଦଳ ୪-୨ ଗୋଲରେ କଣ୍ଟାବାଞ୍ଜିକୁ ହରାଇ ଦ୍ୱିତୀୟ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଥିଲା । ମଙ୍ଗଳବାର ଗାନ୍ଧୀ ଷ୍ଟାଡିୟମରେ ରିଜର୍ଭ ପୋଲିସ ଦଳ ଓ ସିସିଏଫ୍‌ଏ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ । ଦ୍ୱିତୀୟ ସେମିଫାଇନାଲରେ ମୁଖ୍ୟଅତିଥି ଭାବେ ଶିଳ୍ପଦ୍ୟୋଗୀ ତଥା କଂଗ୍ରେସ ଯୁବନେତା ସମରେନ୍ଦ୍ର ମିଶ୍ର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ରିଜର୍ଭ ଇନ୍ସପେକ୍ଟର ଅଫ୍ ପୋଲିସ ପ୍ରଦୀପ୍ତ କୁମାର ଦେବତା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ପ୍ରହ୍ଲାଦ ଶତପଥୀ, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ଶତ୍ରୁଘ୍ନ ସିଂ, କୋଷାଧ୍ୟକ୍ଷ ତଥା ଟୁର୍ଣ୍ଣାମେଣ୍ଟ କମିଟି ଅଧ୍ୟକ୍ଷ ପ୍ରଭାତ କୁମାର ମିଶ୍ର, ବରିଷ୍ଠ ସଦସ୍ୟ ତଥା ପୂର୍ବତନ ବିଧାୟକ ରମାକାନ୍ତ ସେଠ, ରମେଶ ଚନ୍ଦ୍ର ପୁରୋହିତ, ସୁଧୀର ଚନ୍ଦ୍ର ପଣ୍ଡା, କାଉନସିଲ ସଦସ୍ୟ ଜୟରାମ ମିଶ୍ର, କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ, ସଦସ୍ୟ ଗୌରଚନ୍ଦ୍ର ପ୍ରଧାନ, ରବୀନ୍ଦ୍ର କୁମାର ମିଶ୍ର, ଶରତ କୁମାର ନନ୍ଦ, ଖେଳାଳି ଚୟନ କମିଟି ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ଓ ଶ୍ରୀକାନ୍ତ ରାଉତ ମଞ୍ଚାସୀନ ଥିଲେ । ଖେଳକୁ ରେଫରି ସଞ୍ଜନ କୁଦେଇ, ସୁଶାନ୍ତ ନାଗ, ଦୋଳଗୋବିନ୍ଦ ମୁଣ୍ଡା ଓ ନିଶାରକାନ୍ତ ନାଗ ପରିଚାଳନା କରିଥିଲେ । ଅବଦୁଲ ମୁଜିବ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇ ଥିଲେ । ଫୁଟବଲ ସମ୍ପାଦକ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।


ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଖେଳାଳିଙ୍କ ସହ ଅତିଥି ଓ ଆୟୋଜକ ।

## ଗୋଳାବାରୁଦ କାରଖାନାରେ କାର୍ଯ୍ୟରତ କର୍ମଚାରୀଙ୍କ ମୃତଦେହ ଜବତ


ପୋଲିସ ଘଟଣାର ତଦନ୍ତ କରୁଛି ।

ସଇଁତଲା, ୨୩।୯ (ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଲା ଥାନା ବଡ଼ମାଳ ଗୋଳାବାରୁଦ କାରଖାନାର ଜଣେ କର୍ମଚାରୀଙ୍କ ଗଳିତ ମୃତଦେହ ସୋମବାର ସନ୍ଧ୍ୟାରେ ପୋଲିସ ତାଙ୍କ ବାସଭବନରୁ ଜବତ କରିଛି । ମୃତକ ହେଲେ ଟଙ୍କଧର ମହାନନ୍ଦ (୫୫) ।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ଟଙ୍କଧର ଗୋଳାବାରୁଦ କାରଖାନାରେ କାର୍ଯ୍ୟ କରୁଥିଲେ । ତାଙ୍କ ଘର ସଇଁତଲା ବ୍ଲକ ଭଦ୍ରା ପଞ୍ଚାୟତ ଅନ୍ତର୍ଗତ ବରାହମାଲ ଗ୍ରାମରେ । ସେ କାରଖାନାସ୍ଥିତ ବାସଭବନ ଟାଇପ-୧ରେ ରହୁଥିଲେ । ତାଙ୍କ ପରିବାରର ସମସ୍ତ ସଦସ୍ୟ ଆସାମ ଅଞ୍ଚଳର ଚା ବଗିଚାରେ କାମ କରି ସେଠାରେ ରହୁଛନ୍ତି । ଟଙ୍କଧରଙ୍କ ଦେହ ଅସୁସ୍ଥ ଥିବାରୁ ଗତ କିଛି ମାସ ହେଲା ସେ ନିଜ କାର୍ଯ୍ୟକୁ ଯାଉ ନ ଥିଲେ । ଗତ ୪-୫ ଦିନ ହେଲା ତାଙ୍କ ବାସଭବନ ଭିତରପଟରୁ ବନ୍ଦ ରହିଥିଲା । ଭିତରୁ ଦୁର୍ଗନ୍ଧ ବାହାରୁ ଥିବାରୁ ନିକଟରେ ରହୁଥିବା ଅନ୍ୟ କର୍ମଚାରୀମାନେ ସୋମବାର ଅପରାହ୍ନରେ କାରଖାନା କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ଘଟଣା ସନ୍ଦେହଜନକ ହୋଇଥିବାରୁ କାରଖାନା କର୍ତ୍ତୃପକ୍ଷ ଘଟଣା ବିଷୟରେ ସଇଁତଲା ପୋଲିସକୁ ଜଣାଇଥିଲେ । ଘଟଣାସ୍ଥଳରେ ଟିଟିଲାଗଡ଼ ଏସ୍‌ଡ଼ିପିଓ ଅଙ୍କିତା କୁମ୍ବାର, ସଇଁତଲା ଥାନା ଅଧିକାରୀ ଶୁଶାନ୍ତ ବଡ଼େଇ ଓ ବଡ଼ମାଳ ଫାଣ୍ଡି ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଫରେନସିକ୍‌ଟିମ୍ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୋଲିସ କହିଛି । ଟଙ୍କଧରଙ୍କ ମୃତ୍ୟୁ ୪- ୫ ଦିନ ପୂର୍ବରୁ ହୋଇଥିବା ପୋଲିସ ସନ୍ଦେହ କରୁଛି । ମୃତ୍ୟୁର କାରଣ ଜଣାପଡିନାହିଁ । ପୋଲିସ ତଦନ୍ତ ଚଳାଇଛି ।

## ଗାଁରେ ପ୍ରଶାସନ କାର୍ଯ୍ୟକ୍ରମ


ଶିବିରରେ ଉପସ୍ଥିତ ସରପଞ୍ଚ ଏବଂ ଅଧିକାରୀ ।

ଲୋଇସିଂହା, ୨୩।୯ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ତଥା ଗାଁରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବିଡିଓ, ତହସିଲଦାର ପ୍ରମୁଖ ବରିଷ୍ଠ ଅଧିକାରୀ ଅନୁପସ୍ଥିତ ରହିଥିଲେ । ଗାଁରେ ପ୍ରଶାସନ କାର୍ଯ୍ୟକ୍ରମ ପ୍ରହସନରେ ପରିଣତ ହୋଇଥିବା ଗ୍ରାମର ଗ୍ରାମ୍ୟ କମିଟି ସଦସ୍ୟ ଓ ସାଧାରଣ ଲୋକେ ଅଭିଯୋଗ କରିଛନ୍ତି । ବିଡିଓ ଅକ୍ଷୟପାଣି ଉଦୁଙ୍କ ଅନୁପସ୍ଥିତିରେ ଏବିଡିଓ ସୁରେନ୍ଦ୍ର ବାବୁ ଶିବିରରେ ଅଧ୍ୟକ୍ଷତା କରିଥିଲେ । ଏଠାରେ ଜିପିଓ କିଶୋରମାନ ସିଂ, ବିଏସଏସଓ ଆଶା ପଧାନ, ସିଡିପିଓ ଗାୟତ୍ରୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ହେଲେ ବ୍ଲକର ଅନ୍ୟ ବିଭାଗର ଅଧିକାରୀଙ୍କୁ ଶିବିରରେ ଦେଖିବାକୁ ମିଳି ନ ଥିଲା । ରାଜସ୍ୱ ବିଭାଗ, ଏମଜିଏନଆରଇଜିଏସ୍ ,ଯୋଗାଣ ଆଦି କେତେକ ବିଭାଗର କର୍ମଚାରୀ ଶିବିରରେ ଉପସ୍ଥିତ ରହି ବିଭାଗୀୟ ଦରଖାସ୍ତ ଗ୍ରହଣ କରିଥିଲେ । ହେଲେ ଆବେଦନକାରୀଙ୍କ ଦରଖାସ୍ତର ନକଲ କପିରେ ରିସିପ କରିବାକୁ ମନା କରି ଦେଇଥିଲେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ । ଏଣୁ ଅଭିଯୋଗକାରୀଙ୍କ କୌଣସି ପ୍ରମାଣ ରହିବ ନାହିଁ କହି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା ।୨୦୧୭ ମସିହାରୁ ଗାଈ ଗୁହାଳ ପାଇଁ ଆବେଦନ କରି ଆସୁଛି ।

**ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ**

ହେଲେ ଯୋଗ୍ୟ ହେଉନାହିଁ । ଦରଖାସ୍ତ କପିରେ ରିସିପ କରିବାକୁ କହିଲେ ମନା କରି ଦିଆଯାଉଛି । ଏପରି ଶିବିର କରିବାର କିଛି ମାନେ ନାହିଁ ବୋଲି ବୁର୍ଡା ଗ୍ରାମର ଉମାକାନ୍ତ ବାରିକ କହିଛନ୍ତି । ଜଣେ ବ୍ୟକ୍ତି ଗ୍ରାମର ବସ୍ତି ମଧ୍ୟରେ କିଣିଥିବା ଘର ଡିହକୁ ଗ୍ରାମର ଦଧିବାମନ ଜଗନ୍ନାଥ ମନ୍ଦିରକୁ ଦାନ କରିଛନ୍ତି । ତାହା ୨୦୧୭ ମସିହାରୁ ଦଧିବାମନ ମହାପ୍ରଭୁ ଏବଂ ଗ୍ରାମ୍ୟ କମିଟି ନାମରେ ପଟ୍ଟା ହୋଇ ସାରିଛି । ହେଲେ ବିକ୍ରେତାଙ୍କ ସମ୍ପର୍କୀୟ ସେହି ଜମି ଅକ୍ତିଆର କରି କୁଆଡେ ବିବାଦୀୟ ପରିସ୍ଥିତି ସୃଷ୍ଟି କରୁଛନ୍ତି । ଏହି ବିବାଦର ସମାଧାନ ପାଇଁ ଗ୍ରାମ୍ୟ କମିଟି ସଦସ୍ୟ ଉକ୍ତ ଶିବିରକୁ ଆସିଥିଲେ । ହେଲେ ତହସିଲଦାର ଅନୁପସ୍ଥିତ ରହିଥିବାରୁ ଶିବିରରେ ଗ୍ରାମ୍ୟ କମିଟି ସଦସ୍ୟଙ୍କୁ ନିରାଶ ହେବାକୁ ପଡିଥିଲା । ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଲୋକେ ଶିବିରକୁ ଆସୁଛନ୍ତି । ହେଲେ ଶିବିରରେ ବିଡିଓ, ତହସିଲଦାରଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀ ଅନୁପସ୍ଥିତ ରହିଥିବାରୁ ସ୍ଥାନୀୟ ସରପଞ୍ଚ ସୁଦୀପ କୁମାର ସା କ୍ଷୋଭ ପ୍ରକାଶ କରିଥିଲେ । ଉଲ୍ଲେଖଯୋଗ୍ୟ, ପ୍ରଧାନମନ୍ତ୍ରୀ ଆବାସ ପାଇଁ ୧୧୬, ପିଡିଏସ ୧୭, ଏମଜିଏନଆରଇଜିଏସ ସଂକ୍ରାନ୍ତ ୫କୁ ମିଶାଇ ମୋଟ ୨୦୩ ଅଭିଯୋଗ ଶିବିରରେ ଦାଖଲ ହୋଇଥିବା ଜଣାଯାଇଛି ।

## ‘ରାଷ୍ଟ୍ରକୁ ଏକତା ସୂତ୍ରରେ ବାନ୍ଧିଛି ହିନ୍ଦୀ ଭାଷା’

**ବଲାଙ୍ଗୀର ଜିଲାସ୍ତରୀୟ ହିନ୍ଦୀ ଦିବସ**

ବଲାଙ୍ଗୀର, ୨୩।୯ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସରକାରୀ ଟାଉନ ଉଚ୍ଚ ବାଳିକା ବିଦ୍ୟାଳୟଠାରେ ଜିଲାସ୍ତରୀୟ ହିନ୍ଦୀ ଦିବସ ମହାସମାରୋହରେ ପାଳିତ ହୋଇଛି । ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କେଶବ ଚନ୍ଦ୍ର ମେହେର, ମୁଖ୍ୟବକ୍ତା ଭାବେ ଆଗ୍ରାସ୍ଥିତ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନର ଅବସରପ୍ରାପ୍ତ ବରିଷ୍ଠ ଅଧ୍ୟାପକ ତଥା ପ୍ରସିଦ୍ଧ ହିନ୍ଦୀ ଭାଷା ପ୍ରଶିକ୍ଷକ ଭରତ ସିଂ ପରମାର, ସମ୍ମାନିତ ଅତିଥି ଭାବେ ଜିଲା ବିଜ୍ଞାନ ନିରୀକ୍ଷକ ରାଜେଶ ମିଶ୍ର, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ୍ତ ପାତ୍ର, ଛତାମଖନା ପ୍ରଧାନ ଶିକ୍ଷକ ନୀଳମଣି ପଟେଲ, ସ୍ଥାନୀୟ ହାଇସ୍କୁଲ ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର, ଜିଲା ହିନ୍ଦୀ ଶିକ୍ଷକ ସଂଘ ସଭାପତି ସୁଶାନ୍ତ ନାୟକ ମଞ୍ଚାସୀନ ଥିଲେ । ସଂଘ ସମ୍ପାଦକ ଜଗଦୀଶ ନାଗ ହିନ୍ଦୀ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ମୁଖ୍ୟବକ୍ତା ପରମାର ତାଙ୍କ ବକ୍ତବ୍ୟରେ ରାଷ୍ଟ୍ରଭାଷା ହିନ୍ଦୀ ଆମକୁ ଏକତା ସୂତ୍ରରେ



ବଲାଙ୍ଗୀର ଜିଲାସ୍ତରୀୟ ହିନ୍ଦୀ ଦିବସ ପାଳନ ସମାରୋହରେ ମଞ୍ଚାସୀନ ଅତିଥି ।

ବାନ୍ଧି ରଖିଛି ବୋଲି କହିଥିଲେ । ମୁଖ୍ୟଅତିଥି ମେହେର ଗୋଟିଏ ଭାଷା ଗୋଟିଏ ଜାତି ସହ ଓତଃପ୍ରୋତ ଭାବେ ଜଡିତ ବୋଲି କହିବା ସହ ଭାଷା କ୍ଷୀଣ ହେଲେ, ଜାତିର ଅସ୍ତିତ୍ୱ ଟଳମଳ ହୁଏ ବୋଲି କହିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକମାନଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ହିନ୍ଦୀ ଆଲୋଚନାଚକ୍ର ବିଷୟ ହିନ୍ଦୀ ଭାଷା କା ମହତ୍ୱ, ପ୍ରସାର ଔର ପ୍ରାସଙ୍ଗିକତାରେ ହିନ୍ଦୀ ଶିକ୍ଷକ ଜ୍ୟୋର୍ତିମୟ ପଣ୍ଡା, ନରେନ୍ଦ୍ର ବାରିକ ଓ ଭକ୍ତ ମେହେର ଯୋଗଦେଇ ହିନ୍ଦୀ ଭାଷାର ଉତ୍ପତ୍ତି, ବିକାଶ ଓ ବର୍ତ୍ତମାନ ପରିପ୍ରେକ୍ଷୀରେ ତାର ଗୁରୁତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷକ ଅଶ୍ୱିନୀ ଷଡଙ୍ଗୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶିକ୍ଷକ କୃଷ୍ଣଚନ୍ଦ୍ର ବାଗ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲାର ସମସ୍ତ ହିନ୍ଦୀ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ ।

## ବ୍ୟାରେଜ କାମ ତ୍ୱରାନ୍ୱିତ କରା ନ ଗଲେ ଆନ୍ଦୋଳନ

**ସୋନଗଡ଼ ବ୍ୟାରେଜ କ୍ରିୟାନୁଷ୍ଠାନ କମିଟି ବୈଠକ**

ଦେଓଗାଁ, ୨୩।୯ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ଜୀବନ ରେଖା କୁହାଯାଉଥିବା ସୋନଗଡ ନଦୀ ଉପରେ ସିକୁଆଁ - ସିଲେଟକାନୀ ଠାରେ ମଞ୍ଜୁର ହୋଇଥିବା ବ୍ୟାରେଜ କାମ ତ୍ୱରାନ୍ୱିତ କରିବା ପାଇଁ ଜରାସିଂହା ପାର୍କ ପରିସରରେ ସୋନଗଡ ବ୍ୟାରେଜ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟି ଆବାହକ ଲକ୍ଷ୍ମଣ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କମିଟିର କର୍ମକର୍ତ୍ତାମାନେ ଯୋଗଦେଇ ନିଜସ୍ୱ ମତ ଉପସ୍ଥାପନା କରିଥିଲେ । ଅଞ୍ଚଳର ଚାଷୀଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ତତ୍କାଳୀନ ରାଜ୍ୟ ସରକାର ଉପରୋକ୍ତ ସ୍ଥାନରେ ବ୍ୟାରେଜ ନିର୍ମାଣ ପାଇଁ ୪୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ହେଲେ ଅଦ୍ୟାବଧି ଉକ୍ତ ପ୍ରକଳ୍ପର ଡିପିଆର ପ୍ରସ୍ତୁତ ହୋଇ ନ ଥିବାରୁ ପ୍ରକଳ୍ପ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ହୋଇପାରୁନାହିଁ । ନୂତନ ସରକାର ଗଠନ ପରେ ଏହି ପ୍ରକ୍ରିୟା ଅଟକି ଯାଇଥିବାରୁ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ପ୍ରକଳ୍ପ ନିର୍ମାଣ ହେଲେ ଦେଓଗାଁ ସମେତ ଗୁଡଭେଲା ଓ ବଲାଙ୍ଗୀର ସଦର ବ୍ଲକର ୨୨ ଖଣ୍ଡ ଗାଁର ଚାଷୀମାନେ ଉପକୃତ ହେବା ସହ ପ୍ରାୟ ୨୧ ଶହ ହେକ୍ଟର ଚାଷ ଜମିକୁ ଜଳସେଚନ ହୋଇପାରିବ । ସେହିପରି ୨୮ ଗୋଟି ଗ୍ରାମ୍ୟ ପାନୀୟଜଳ ଯୋଗାଣ ପ୍ରକଳ୍ପ ମଧ୍ୟ ଗ୍ରୀଷ୍ମ ଋତୁରେ ଠିକ ଭାବେ ପରିଚାଳିତ ହୋଇପରିବ । ଏପରିକି ଅଞ୍ଚଳରେ ପରିବେଶ ସନ୍ତୁଳନ, ଭୂତଳ ଜଳସ୍ତର ବୃଦ୍ଧି ହେବା ସହ ଜଳ ସଙ୍କଟ ଦୂର ହୋଇପରିବ । ତେଣୁ ଦଳମତ ନିର୍ବିଶେଷରେ ବୈଠକରେ ଆଲୋଚନା ହୋଇ ଜିଲାର ସମସ୍ତ ବିଧାୟକ, ଏମ୍‌ପି ଓ ମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ଦେବା ସହ ଏ ଦିଗରେ ପଦକ୍ଷେପ ନେବାକୁ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସର୍ବସମ୍ମତିକ୍ରମେ ମତ ପ୍ରକାଶ ପାଇଥିଲା । ଏହି ପ୍ରକଳ୍ପର ଡିପିଆର ଓ ବୈଷୟିକ ଦଳ ପରାମର୍ଶ କମିଟିର ଅନୁମୋଦନ ବିଳମ୍ବ ହେଉଥିବାରୁ ପ୍ରତ୍ୟେକ ଗାଁରେ ବୈଠକ କରି ଆଗାମୀ ଦିନରେ ସମସ୍ତେ ଜିଲାପାଳ କାର୍ଯ୍ୟାଳୟ ପରିସରରେ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ବୋଲି କମିଟିର ଆବାହକ ମେହେର ସୂଚନା ଦେଇଥିଲେ । ବୈଠକରେ କମିଟିର ସଂପାଦକ ଶୈଳେନ୍ଦ୍ର କୁମାର ସାହୁ, ପ୍ରମୋଦ କୁମାର ବହିଦାର, ସଞ୍ଜୀବ ପଧାନ, ଡମ୍ବରୁଧର ହରପାଲ, କାର୍ତ୍ତିକ ମଲ୍ଲିକ, ଗଦନ ବେହେରା, ପ୍ରମୋଦ ସାହୁ, ସନ୍ତୋଷ ପଧାନ, ସୁନିଲ ମେହେର, ଦିଜନ ସାମଲ, ଆର୍ଶୀବାଦ ସାହୁ, ସୁବାସ ପଧାନ, ସୁଶାନ୍ତ ସାହୁ, ଛବିଳ ମାଝୀଙ୍କ ସମେତ ୨୨ ଖଣ୍ଡ ଗ୍ରାମର ପ୍ରତିନିଧିମାନେ ଯୋଗ ଦେଇଥିଲେ ।


ବୈଠକରେ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ଓ ଅନ୍ୟମାନେ ।

# ଗଡ଼ ଜଗିଛନ୍ତି ମା’ ପାଟଣେଶ୍ୱରୀ

ପାଟଣାଗଡ, ୨୩।୯ (ସଚ୍ଚିଦାନନ୍ଦ ମହାକୁର)

ରାଜତନ୍ତ୍ର କାଳରେ ଏକ ସମୃଦ୍ଧ ରାଜ୍ୟର ମାନ୍ୟତା ପାଇଥିଲା ପାଟଣା ଷ୍ଟେଟ । ପଶ୍ଚିମରେ ଅବସ୍ଥିତ ଏହି ରାଜ୍ୟର ଇତିହାସ ଅତି ରୋଚକ । ମାତ୍ର ପାଟଣେଶ୍ୱରୀ ଦେବୀଙ୍କୁ ବାଦ ଦେଇ ପାଟଣା ରାଜ୍ୟର ଇତିହାସ ପରିକଳ୍ପନା କରାଯାଇ ନ ପାରେ । କାରଣ ସେ ହେଉଛନ୍ତି ଏହି ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ । ରାଜା ମାଧବଚନ୍ଦ୍ର ଦେବଙ୍କ ଅମଳରୁ ପାଟଣା ରାଜ୍ୟର ମା’ ଭାବରେ ପାଟଣେଶ୍ୱରୀ ପୂଜାପାଇ ଆସୁଛନ୍ତି । ବର୍ତ୍ତମାନ ରାଜତନ୍ତ୍ର ନାହିଁ କି ପାଟଣା ରାଜ୍ୟ ବି ନାହିଁ । ତଥାପି ଏବେ ବି ପାଟଣେଶ୍ୱରୀ ଦେବୀଙ୍କୁ ଭକ୍ତି ଭାବରେ ପୂଜା କରାଯାଉଛି । ସେହି ହିଁ ଗଡ଼ ଜଗିଛନ୍ତି ବୋଲି ଏବେ ବି ଲୋକଙ୍କ ମନରେ ବିଶ୍ୱାସ ରହିଛି । ବର୍ଷର ବିଭିନ୍ନ ସମୟରେ ଏକଦା ଉପାସନା ଓ ସାଧନାର କେନ୍ଦ୍ରସ୍ଥଳୀ ଥିଲା କୁଆଁରୀପାଟଣା । ଦୂରଦୂରାନ୍ତରରୁ ତନ୍ତ୍ରସାଧକ ଏଠାକୁ ସାଧନା ପାଇଁ ଆସୁଥିଲେ ବୋଲି ଦେବୀଙ୍କର ଯାନିଯାତ୍ରା କରାଯାଇଥାଏ । ମାତ୍ର ଦଶହରା ସମୟରେ କରାଯାଉଥିବା ଷୋହଳ ପୂଜା ସବୁଠୁ ସ୍ୱତନ୍ତ୍ର । ତତ୍କାଳୀନ ପାଟଣା ରାଜ୍ୟର ରାଜଧାନୀ ଓ ବର୍ତ୍ତମାନର ବଲାଙ୍ଗୀର ଜିଲାର ପ୍ରମୁଖ ସହର ହେଉଛି ପାଟଣାଗଡ଼ । ବଲାଙ୍ଗୀରର ସଦର ମହକୁମାଠାରୁ ପାଟଣାଗଡ କିଛି ଦୂରରେ ଅବସ୍ଥିତ ହୋଇଥିବା ବେଳେ ଏଠାରେ ପାଟଣେଶ୍ୱରୀ ପୂଜା ପାଉଛନ୍ତି । ସୂଚନା ଅନୁସାରେ, ଖ୍ରୀଷ୍ଟପୂର୍ବ ୫୪ରେ ପାଟଣା ରାଜା ମାଧବଚନ୍ଦ୍ର ଦେବଙ୍କ ଦ୍ୱାରା ପାଟଣେଶ୍ୱରୀ ଦେବୀଙ୍କ ପୂଜା କରାଯାଉଥିଲା । ପ୍ରତିବର୍ଷ ଦଶହରା ସମୟରେ ମା’ଙ୍କର ଷୋହଳ ପୂଜା କରାଯାଏ । ଚଳିତବର୍ଷ ମଙ୍ଗଳବାର ମୂଳାଷ୍ଟମୀ ଠାରୁ ଖଣ୍ଡାଧୁଆ ନୀତି ଆରମ୍ଭ ହେବ । ପ୍ରତିଦିନ ଯନ୍ତ୍ର ପୂଜା ସହ ମା’ଙ୍କର ଷୋଡଶ ଉପଚାର କରାଯିବ । ମା’ଙ୍କର ପୂଜକ ଭାବରେ ଧରମ ସିଂ ବାବୁ, ଗୋପାଳ ସିଂ ବାବୁ, ବ୍ୟାସ ସିଂ ବାବୁ, ଅର୍ଜ୍ଜୁନ ସିଂ ବାବୁ, ମଣି ସିଂ ବାବୁ, ଶୁକ ସିଂ ବାବୁ, ନବିନ ସିଂ ବାବୁ , ପୃଥି ସିଂ ବାବୁ, ଭଗବାନ ସିଂ ବାବୁ ,ବୃନ୍ଦାବନ ସିଂ ବାବୁ ଓ ଅଜିତ ସିଂ ବାବୁ ପ୍ରମୁଖ ଦାୟିତ୍ୱରେ ରହିଛନ୍ତି । ଆସନ୍ତା ମହାଳୟାରେ ମା’’



**ଆଜିଠାରୁ ଆରମ୍ଭ ହେବ ମା’ ପାଟଣେଶ୍ୱରୀଙ୍କ ଷୋହଳ ପୂଜା**

ସମଲେଶ୍ୱରୀଙ୍କ ଝାରବଏଲ ଯାତ୍ରା ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରତିପଦା ଦିନ ମା’ ପାଟଣେଶ୍ୱରୀ ଦେବୀଙ୍କ ଝାରବଏଲ ଯାତ୍ରା ଅନୁଷ୍ଠିତ ହେବାର ବିଧି ରହିଛି । ଏହିଦିନ ବରୁଆ ଦେହରେ ଦେବୀଙ୍କ ଆଗମନ ହୋଇ ଗଡ଼ର ଚାରିଟି ଦ୍ୱାରର କିଳନ ଓ ଦୈବୀଶକ୍ତି ଦ୍ୱାରା ସୁରକ୍ଷା ଭେଦ କରାଯାଏ । ଏହାପରେ ନଗର ପରିକ୍ରମା କରି ଦେବୀ ଭକ୍ତମାନଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତି । ନବମୀ ରାତିରେ ମା’ ସମଲେଶ୍ୱରୀ, ପାଟଣେଶରା ଓ ଟଙ୍ଗେଇ ଦେବୀ ମିଳିତ ଭାବରେ ନଗର ପରିକ୍ରମା କରନ୍ତି । ଏହାକୁ ନବମୀ ବଏଲ ବା ଖପର ଚୁପା ଯାତ୍ରା କୁହାଯାଏ । ଏହିଦିନ ବରୁଆ ଦେହରେ ଦେବୀଙ୍କ ଆଗମନ ହୋଇ ଗୋଟିଏ ବର୍ଷ ପାଇଁ ସୁରକ୍ଷା ଭେଦ ନିର୍ମାଣ କରିଦିଅନ୍ତି । ଏହିଭଳି ଭାବରେ ମା’ ପାଟଣେଶ୍ୱରୀ ପାଟଣାଗଡ଼କୁ ତାଙ୍କର ଛତ୍ରଛାୟା ତଳେ ରଖିଛନ୍ତି । ତେଣୁ ପାଟଣାଗଡ଼ରେ ଧୂମଧାମରେ ଷୋହଳ ପୂଜା କରାଯାଏ ।

## ସଂକ୍ଷେପରେ

### ମୁର୍ଖୁଣ୍ଡି ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ

ଅମରପାଲି, ୨୩।୯ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଖୁଣ୍ଡିରେ ଚଳିତବର୍ଷ ହେବାକୁ ଥିବା ୪୨ତମ ଗଜଲକ୍ଷ୍ମୀ ପୂଜା ପାଇଁ ସୋମବାର ଶୁଭସ୍ତମ୍ଭ ସ୍ଥାପନ ହୋଇଯାଇଛି। ଏହି ଅବସରରେ ଗ୍ରାମର ସମସ୍ତ ଦେବାଦେବୀଙ୍କଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଢୋଲ, ନିଶାଣ, ଘଣ୍ଟ, ଶଙ୍ଖ ଆଦି ବାଦ୍ୟ ସହିତ ହରିବୋଲ ହୁଳହୁଳିରେ ଏକ ଆଧ୍ୟାତ୍ମିକ ପରିବେଶରେ ଧ୍ୱଜା ଧରି ଗ୍ରାମ୍ୟ ପରିକ୍ରମା କରାଯାଇଥିଲା। ଗ୍ରାମର ଜଗନ୍ନାଥ ମନ୍ଦିର ଓ ଖମ୍ବେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ଆଜ୍ଞାମାଳ ଓ ଧ୍ୱଜା ନେଇ ଶୋଭାଯାତ୍ରାରେ ପୂଜା ମଣ୍ଡପକୁ ନିଆଯାଇଥିଲା। ସେଠାରେ ପୂଜାର୍ଚ୍ଚନା ପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରମୋଦ ପଣ୍ଡା, ପ୍ରଦୀପ ରଥ, ଗୌରାଙ୍ଗ ଦେହୁରୀ, ମାଗୁଣି ଖେତୀ ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ସନ୍ତୋଷ ସୁମୁର୍ଥା ଶୁଭସ୍ତମ୍ଭ ସ୍ଥାପନ ସମୟରେ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି ତଥା ଜିଲା ପରିଷଦ ସଭ୍ୟ ଲବକୁମାର ସାହୁ, ଉପସଭାପତି ଧନଞ୍ଜୟ ସାହୁ, ସମ୍ପାଦକ ତ୍ରୟଞ୍ଜିବ ମିଶ୍ର, ସହସମ୍ପାଦକ ବିଦ୍ୟାଧର ଖୁର୍ଦ୍ଦିଆ, କୋଷାଧ୍ୟକ୍ଷ ସତ୍ୟମୋହନ ବେଦପାଣୀ, ଉପଦେଷ୍ଟା ରାଜଗୋପାଳ ପାଣିଗ୍ରାହୀ, କୁଶ କୁମାର ସାହୁ, ସଭ୍ୟ ବଳରାମ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଏଠାକାର ଗଜଲକ୍ଷ୍ମୀ ପୂଜା ଅକ୍ଟୋବର ୧୬ରୁ ଆରମ୍ଭ ହୋଇ ୨୬ ତାରିଖ ପର୍ଯ୍ୟନ୍ତ ହେବ। ଏହି ଅବସରରେ ଅପେରା, ମୁରାସୁର ଦରବାର, ଆଧୁନିକ ଓ ଲୋକନୃତ୍ୟ ପରିବେଷଣ, ଅପେରା, ସଙ୍କୀର୍ତ୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

### ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନ

ସୋନପୁର, ୨୩।୯ (ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକର ବାବୁପାଲିଠାରେ ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନ ଆୟୋଜିତ ହୋଇଯାଇଛି। ଏଥିରେ ଭାଜପାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡା ଏମ୍‌ପି ବୈଜୟନ୍ତ ପଣ୍ଡା ଯୋଗଦେଇ ଅଭିଯାନର ଶୁଭାରମ୍ଭ କରିଥିଲେ। ଦେଶ ଓ ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଭାଜପା ପ୍ରତିଶ୍ରୁତି ବଦ୍ଧ। ଭାଜପାର ସଦସ୍ୟତା ଗ୍ରହଣ କରି ସଶକ୍ତ ଭାରତ ଓ ସଶକ୍ତ ଓଡ଼ିଶା ଗଠନ ଦିଗରେ ସହଯୋଗ କରିବାକୁ ପଣ୍ଡା ଏହି ଅବସରରେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଭାଜପା ଜିଲା ସଭାପତି ପ୍ରମୋଦ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ପୂଜାରୀ, ଏମ୍‌ପିଙ୍କ ପ୍ରତିନିଧି ଶରତ କୁମାର ଶତପଥୀ, ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ସ୍ୱରୂପ ପାତ୍ର, କାଉନସିଲର ଗଙ୍ଗାଧର ତରିଆ, ସୁକାନ୍ତ କୁମାର ସାହୁ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁଦେଷ୍ଣା ନେଗୀ, ସୁରେଶ ମହଲା, ହେମନ୍ତ ବିଶ୍ୱାଳ, ବିଶ୍ୱମ୍ଭର ମିଶ୍ର ଓ ବେଣୁଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ କାର୍ଯ୍ୟ ଓ ଭାଜପାର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୁ ଛାତ୍ର ଜନତା ଦଳର ପ୍ରାକ୍ତନ ରାଜ୍ୟ ସାଧାରଣ ସମ୍ପାଦକ ଗୁପ୍ତ ପ୍ରକାଶ ମିଶ୍ର ଭାଜପାର ସଦସ୍ୟତା ଗ୍ରହଣ କରିଥିଲେ। ବୈଜୟନ୍ତଙ୍କ ଉପସ୍ଥିତିରେ ମିଶ୍ରଙ୍କ ସହିତ ସଞ୍ଜୀବ କୁମାର ମେହେର, ପ୍ରିୟବ୍ରତ ନାୟକ, ସନ୍ତୋଷ ପ୍ରଧାନ, ପ୍ରବୀଣ ପଟ୍ଟନାୟକ, କୁନାଲ ପ୍ରଧାନ, ବବ୍ରୁବାହାନ ମେହେର, ନିତୁ ଦରୱାନ, ହିମାଂଶୁ କୋଠାର ଓ ସୁଦେବ ତାଣ୍ଡିଆ ପ୍ରମୁଖ ଭାଜପାର ସଦସ୍ୟତା ଗ୍ରହଣ କରିଥିଲେ। ପରେ ଜିଲା ଭାଜପା କାର୍ଯ୍ୟାଳୟରେ ଜିଲା ଓ ମଣ୍ଡଳ ସଦସ୍ୟତା ଅଭିଯାନ ସଦସ୍ୟ, ସଦସ୍ୟତା ସଂଯୋଜକ ତଥା ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସହିତ ସଦସ୍ୟତା ଅଭିଯାନ ସମ୍ପର୍କରେ ପଣ୍ଡା ଆଲୋଚନା କରିବା ସହିତ ଦଳର ସଙ୍ଗଠନକୁ ବ୍ୟାପକ କରିବାକୁ ପରାମର୍ଶ ଦେଇଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଉଛି।

- ୪୫ ଅଭିଯୋଗ ଦରଖାସ୍ତ ଗ୍ରହଣ
- ୧୪୪ ହିତାଧିକାରୀଙ୍କୁ ସହାୟତା ପ୍ରଦାନ

ଅମରପାଲି, ୨୩।୯ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମଲ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୪୫ଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୩୬ଟି ଗ୍ରହଣ କରାଯାଇଥିବାବେଳେ ୯ଟି ସାମୂହିକ ଦରଖାସ୍ତ ଗ୍ରହଣ କରାଯାଇଛି। ଦରଖାସ୍ତଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲା ଶ୍ରମ ବିଭାଗ ତରଫରୁ ଟଙ୍କଧର ପଧାନଙ୍କୁ ଶିଶୁଙ୍କ ଶିକ୍ଷା ସହାୟତା ନିମନ୍ତେ ୬ହଜାର ଟଙ୍କା, ବିଷ୍ଣୁ ପ୍ରସାଦ ରଣାଙ୍କୁ ବିବାହ ପ୍ରୋତ୍ସାହନ ସହାୟତା ନିମନ୍ତେ ୫୦ହଜାର ଟଙ୍କା ଓ ରବି ଭୋଇଙ୍କୁ ଅନ୍ତିମ ସଂସ୍କାର ସହାୟତା ଓ ମୃତ୍ୟୁକାଳୀନ ସହାୟତା ନିମନ୍ତେ ଯଥାକ୍ରମେ ୫ ହଜାର ଓ ୨ଲକ୍ଷ ଟଙ୍କାର ଶ୍ରମିକ କଲ୍ୟାଣ ଆର୍ଥିକ ସହାୟତାର ଡେମୋ ଚେକ ଜିଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ଏଥିସହ ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ହିତାଧିକାରୀଙ୍କୁ ଜିଲା ଶ୍ରମ ବିଭାଗ ତରଫରୁ ୧୧ ଜଣଙ୍କୁ ଝିଅ ବିବାହ ନିମନ୍ତେ ପ୍ରୋତ୍ସାହନ ସହାୟତା, ଜଣକୁ ମେଟରନିଟି ସହାୟତା, ୧୨୩ ଜଣଙ୍କୁ ଶିକ୍ଷା ନିମନ୍ତେ ସହାୟତା, ୪ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ଓ ୫ ଜଣଙ୍କୁ ଅନ୍ତିମ ସତ୍କାର ସହାୟତା ନିମନ୍ତେ ଅର୍ଥ ରାଶି ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଭାଗ ତରଫରୁ ସମୁଦାୟ ବିଭିନ୍ନ ୧୪୪ ଜଣଙ୍କୁ ମୋଟ ୨୧ ଲକ୍ଷ ୪୫ ହଜାର ୪ ଶହ ଟଙ୍କାର ସହାୟତା ଅର୍ଥ ରାଶି ସେମାନଙ୍କ ସଞ୍ଚୟ ଖାତାକୁ ଅନଲାଇନ ଯୋଗେ ପ୍ରଦାନ କରାଯାଇଛି। ସେହିପରି ଶିବିରରେ ଜିଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଉଫୁଲା ଗ୍ରାମର ରଞ୍ଜିତା ଦଣ୍ଡସେନା, ନିରସୀ ବିଶ୍ୱାଳ, ରତନ ଗୁରୁ, କମଲପୁର ଗ୍ରାମର ଜାନକୀ ସାହୁଙ୍କୁ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଭତ୍ତା ପ୍ରଦାନ କରାଯାଇଥିଲା। ପୁନଶ୍ଚ ବିଭାଗ ତରଫରୁ କୁମରକେଲି ଗ୍ରାମର ଦିବ୍ୟାଙ୍ଗ ଶିଶୁ ରକ୍ଷିଶନୀତ ପଧାନଙ୍କୁ ଜିଲାପାଳ ଦାସ ହୁଇଲ ଚେୟାର ପ୍ରଦାନ କରିଥିଲେ। ବୀରମହାରାଜପୁର ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରମେଶ ଚନ୍ଦ୍ର ସ୍ୱାଇଁ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଅଧୀକ୍ଷଣ ଯନ୍ତ୍ରୀ ପିଡବ୍ଲ୍ୟୁଡି ଇଂ. ଦାମୋଦର କୈବର୍ତ୍ତ, ଆରଡବ୍ଲ୍ୟୁଏସ୍‌ଏସ୍ ଅଧୀକ୍ଷଣ ଯନ୍ତ୍ରୀ ତପନ ପଧାନ, ଅବକାରୀ ଆରକ୍ଷୀ ଅଧୀକ୍ଷକ ପ୍ରବୀର ସାମଲ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜ୍ଜୁନ ଚରଣ ମାଝି, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦବଲ୍ଲଭ ଷଡ଼ଙ୍ଗୀ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଡିଏସଡବ୍ଲ୍ୟୁଓ ଅନୁପମା ପଣ୍ଡା, ଜିଲା କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହା, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ବୀରମହାରାଜପୁର ତହସିଲଦାର ପୁନମ ମହାପାତ୍ର, ସାଂସଦ ପ୍ରତିନିଧି ନଳିନୀ ପଣ୍ଡା, ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦାନ କରିଥିଲେ।

## ଯାଦବ ମହାସଭାର ବାର୍ଷିକୋତ୍ସବ ପାଇଁ ପ୍ରସ୍ତୁତି



ବୈଠକରେ ଉପସ୍ଥିତ ଯାଦବ ସମାଜର ସଭ୍ୟମାନେ।

ସୋନପୁର, ୨୩।୯ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଯାଦବ ମହାସଭାର ବାର୍ଷିକୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସୋନପୁର ସମଲେଇଶ୍ୱରୀ ମନ୍ଦିର ପରିସରରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ଯାଦବ ମହାସଭାର ସଭାପତି ତପନ ଯୁଆଡି ଏଥିରେ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ସମଲେଇଶ୍ୱରୀ ମନ୍ଦିର ମଣ୍ଡପରେ ଆସନ୍ତା ଆଶ୍ୱିନ ପୂର୍ଣ୍ଣିମାରେ ହେବାକୁ ଥିବା ବାର୍ଷିକୋତ୍ସବ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ୬ଟି ବ୍ଲକ, ସୁବର୍ଣ୍ଣପୁର ପୌରପରିଷଦ ସମେତ ବିନିକା ଓ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ଯାଦବ ସମାଜର ସଭ୍ୟମାନେ ଯୋଗ ଦେଇଥିଲେ। ବାର୍ଷିକୋତ୍ସବର ବ୍ୟୟ ଅଟକଳ, ମୁଖ୍ୟ ଅତିଥି ତଥା ସମ୍ମାନିତ ଅତିଥି ଚୟନ, ଶୋଭାଯାତ୍ରା ପାଇଁ ପାରମ୍ପାରିକ ବାଡିଖେଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚୟନ, ସଙ୍ଗଠନ, ନୂତନ ଯାଦବ ଭବନ ନିର୍ମାଣ ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଉକ୍ତ ସଭାରେ ଜିଲା ଯାଦବ ମହାସଭାର ସମ୍ପାଦକ ପୀତବାସ ଭୋଇ, ଜିଲା ଯୁବ ଯାଦବ ସଭାପତି ସୁରେଶ ଷାଣ୍ଢ, ସୋନପୁର ସହରାଞ୍ଚଳ ସଭାପତି ପ୍ରଫୁଲ୍ଲ ନାଏକ, ଇନ୍ଦ୍ରଜିତ ପରୁଆ, ମନବୋଧ ଭୋଇ, ଶିତଲ ମହାକୁର, କୈଳାଶ ଯୁଆଡି, ଶତ୍ରୁଘ୍ନ ବଗର୍ତ୍ତି, ଗଣପତି ବାଘ, ଚିତ୍ତରଞ୍ଜନ ଭୋଇ, କନ୍ଦର୍ପ ବାଘ, ଚକ୍ରଧର ହାତୀ, ପୃଥ୍ୱୀରାଜ ବାଘ, ମନୋରଞ୍ଜନ ଜୁଆଡି, ମନୋଜ ଯୁଆଡି, ବୃନ୍ଦାବନ ଦୀପ, ପ୍ରକାଶ ହାତୀ ପ୍ରମୁଖ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରମାନନ୍ଦ ବାଘ ଧନ୍ୟବାଦ ପ୍ରଦାନ କରିଥିଲେ।

## ପାଣି ଛାଡ଼ିବା ସମୟରେ କେନାଲ କାମ ନେଇ ଅସନ୍ତୋଷ

ବୌଦ୍ଧ, ୨୩।୯ (ଅଜିତ କୁମାର ବାରିକ)

ବୌଦ୍ଧ ଏକ କୃଷିପ୍ରଧାନ ଜିଲା। ଜିଲାର ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରି ଚଳିଥାନ୍ତି। ଚାଷ କହିଲେ ମୁଖ୍ୟତଃ ଧାନଚାଷ ହୋଇଥାଏ। ବର୍ତ୍ତମାନ ଧାନ ଫସଲ ପାଇଁ ପାଣିର ଆବଶ୍ୟକ ରହିଛି। ଜମିକୁ ପାଣି ଦରକାର ସମୟରେ ବୌଦ୍ଧ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ କେନାଲ କାମ କରାଯାଉଥିବା ଦେଖିବାକୁ ମିଳିଛି ଲକ୍ଷ୍ମଣପୁର କ୍ଷୁଦ୍ର ଜଳସେଚନ କେନାଲରେ। ଲକ୍ଷ୍ମଣପୁର କେନାଲ ଦ୍ୱାରା କରଞ୍ଜକଟା ଗ୍ରାମ ପଞ୍ଚାୟତର କରଞ୍ଜକଟା, ଡୁକୁଲୁଣ୍ଡା, ଲକ୍ଷ୍ମଣପୁର, ଉପରକଟା, ସୋରିଷପଖାଲ, ଲୋକାପଡା, ପାବୁଲିପଡା ଆଦି ଗ୍ରାମର ଶହ ଶହ ଏକର ଚାଷ ଜମିକୁ ପାଣି ମାଡିଥାଏ। ଏଥିପାଇଁ ବିଲେଇଘାଇ ନାଳରେ ଏକ ଛୋଟ ଡ୍ୟାମ ନିର୍ମାଣ କରାଯାଇ ଦୀର୍ଘ ବର୍ଷ ହେବ କାର୍ଯ୍ୟକାରୀ ହୋଇ ଚାଷ ଜମିକୁ କେନାଲ ସାହାଯ୍ୟରେ ପାଣି ଯୋଗାଣ ହୋଇଆସୁଛି। କିନ୍ତୁ ବୌଦ୍ଧ କ୍ଷୁଦ୍ରଜଳସେଚନ ବିଭାଗ ପକ୍ଷରୁ ଦୀର୍ଘ ୧୫ ଦିନରୁ ଅଧିକ ହେବ କେନାଲରେ ପାଣି ଛାଡିବା ବନ୍ଦ କରି କାମ କରାଯିବା ଯୋଗୁ ଲକ୍ଷ୍ମଣପୁର ଗ୍ରାମର ଚାଷୀଙ୍କ ଧାନ ଫସଲ ପାଣି ନ ପାଇଁ ନଷ୍ଟ ହେବାକୁ ବସିଛି। ଏନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଏପଟେ ବିଭାଗ ଚାଷ ଜମିକୁ ପାଣି ଯୋଗାଇ ଦେବା ସମୟରେ କାହା ସ୍ୱାର୍ଥରେ କେନାଲ କାମ କରୁଛି ଏହାକୁ ନେଇ ଚାଷୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରି ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି।

## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କୁ ଦାବିପତ୍ର



ବରିଷ୍ଠ ନାଗରିକ ସଙ୍ଗଠନର ସଦସ୍ୟ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଅମରପାଲି, ୨୩।୯ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକ ସଙ୍ଗଠନରେ ପଞ୍ଜିକୃତ ହୋଇଥିବା ନୂତନ ସଦସ୍ୟା, ସଦସ୍ୟମାନଙ୍କୁ ପରିଚୟପତ୍ର ପ୍ରଦାନ କରିବା ପାଇଁ ଅନୁଷ୍ଠାନ ତରଫରୁ ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସଙ୍କୁ ନିବେଦନ କରାଯାଇଛି। ସଙ୍ଗଠନର ସଭାପତି ଡ.ପ୍ରଫୁଲ୍ଲ କୁମାର ରଥଙ୍କ ସହିତ ସଦସ୍ୟ ଡ. ଦ୍ୱିତୀକୃଷ୍ଣ ପଣ୍ଡା, ଚମରା ମହାକୁର ଓ ସୁରୁ ସାହୁ ପ୍ରମୁଖ ବୀରମହାରାଜପୁର ବ୍ଲକ କାର୍ଯ୍ୟାଳୟକୁ ଯାଇ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି, ସଦସ୍ୟାସଦସ୍ୟମାନଙ୍କୁ ପରିଚୟପତ୍ର ପ୍ରଦାନ କରିବା ପାଇଁ ପୂର୍ବରୁ ଅନୁରୋଧ କରାଯାଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ନ ହେବାରୁ ପୁନଶ୍ଚ ଚିଠି ନଂ. ୨୯ ତା ୨୩।୯।୨୦୨୪ ମତେ ସୁବର୍ଣ୍ଣପୁର ଜିଲାପାଳଙ୍କୁ ଅନୁରୋଧ କରାଯାଇଛି ବୋଲି ସଭାପତି ପ୍ରକାଶ କରିଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

## ଜିଲାପାଳଙ୍କ ଜନଶୁଣାଣି ଶିବିର

ମନମୁଣ୍ଡା, ୨୩।୯ (ବେଣୁଧର ପଧାନ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖଲିଆପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଦିନ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ। ଶିବିରରେ ୧୨୯ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୧୧୭ ଗୋଟି ବ୍ୟକ୍ତିଗତ ହୋଇଥିବା ବେଳେ ୧୨ଗୋଟି ସାମୁହିକ ମାମଲା ରହିଥିଲା। ସେଠାରେ ୭୨ ଗୋଟି ଅଭିଯୋଗର ଫଇସଲା ହୋଇଥିଲା। ଶିବିରରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଡିଏସପି ସଂଯୁକ୍ତା ବାର୍ଲା, ଜିଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ, ବିଡିଓ ଶାମୀ ରେଡ୍ଡୀ ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣକୁ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ଓ ବିଧବା ଭତ୍ତା ପ୍ରଦାନ କରାଯାଇଥିଲା।



ଜିଲାପାଳ ଜଣେ ମହିଳାଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି।

## ୪ କୁଇଣ୍ଟାଲ ଗଞ୍ଜେଇ ଜବତ

ବୌଦ୍ଧ, ୨୩।୯ (ଅଜିତ କୁମାର ବାରିକ)

ବୌଦ୍ଧ ପୋଲିସ ଏକ ବୋଲେରୋ ପିକ୍‌ଅପ୍ ସହ ୪ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିବା ଜଣାଯାଇଛି। ରବିବାର ଦିନ ମନମୁଣ୍ଡା ଅଞ୍ଚଳରୁ ବୌଦ୍ଧ ଦେଇ ଗଞ୍ଜେଇ ଚାଲାଣ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବୌଦ୍ଧ ଆଦର୍ଶ ଥାନାର ଏକ ଟିମ୍ ଜାତୀୟ ରାଜପଥର ବଲାଶିଙ୍ଗା ନିକଟରେ ଜଗି ରହିଥିଲେ। ଏହି ସମୟରେ ମନମୁଣ୍ଡା ପଟରୁ ଏକ ବୋଲେରୋ ପିକ୍‌ଅପ୍ (ନଂଓଡି ୩୧ଏଚ୍‌୮୧୧୬) ଆସୁଥିବା ବେଳେ ଏହାର ଡ୍ରାଇଭର ପୋଲିସ ଟିମ୍‌କୁ ଦେଖି ସାଲୁଙ୍କି ବ୍ରିଜ ନିକଟରେ ଗାଡି ଛାଡି ଚାବି ନେଇ ଫେରାର ହୋଇ ଯାଇଥିଲା। ପୋଲିସ ପକ୍ଷରୁ ଗାଡ଼ିକୁ ଯାଞ୍ଚ କରାଯିବା ପରେ ଜରି ବସ୍ତାରେ ୪ କୁଇଣ୍ଟାଲ ଗଞ୍ଜେଇ ଥିବା ଜଣାପଡିଥିଲା। ଗଞ୍ଜେଇକୁ ପୋଲିସ ଜବତ କରି ନଂ ୩୪୪/୨୪ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଶିବିରରେ ୪୦ ୟୁନିଟ ରକ୍ତ ସଂଗ୍ରହ

ସୋନପୁର, ୨୩।୯ (ମୃତ୍ୟୁଞ୍ଜୟ ଶତପଥୀ)

ସାମାଜିକ କର୍ମୀ ତଥା ରାଜନେତା କାମପାଳ ପାତ୍ରଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ଉଲୁଣ୍ଡାସ୍ଥିତ ଆଞ୍ଚଳିକ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସଭାପତି ମୂରଲୀଧର ମହାକୁର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଡାକ୍ତର ମଧୁମିତା ମଲ୍ଲ, ଋଷି କୁମାର ପଟେଲ, ଦିଲ୍ଲୀପ ପୁରୋହିତ, ସରପ ଶ୍ରୀୟା କର୍ମୀ, ହିମାଂଶୁ ଶେଖର ତ୍ରିପାଠୀ ଏବଂ ବୈଷ୍ଣବ ତରାଇ ଉପସ୍ଥିତ ଥିଲେ। ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ଠାରୁ ୪୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

## ସୁବଳୟାକୁ ହରାଇ ଫୁଲଚରା ଚାମ୍ପିୟନ

**ସୁବଳୟାରେ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ**

ଅମରପାଲି, ୨୩।୯ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ଖେଳପଡିଆ ଠାରେ ରବିବାର ୩୫ତମ ଆଲୋକ ଏଫ୍‌ସି ପକ୍ଷରୁ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସୁବଳୟା ସରପଞ୍ଚ ପ୍ରମୋଦ ମହାପାତ୍ର, ସ୍ଥାନୀୟ ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ, ସ୍ୱେଚ୍ଛାସେବୀ ଶେଷଦେବ ବାରିକ, ସଦାନନ୍ଦ ମହାନନ୍ଦ, ଭାଜପା ମଣ୍ଡଳ ସଭାପତି ଶରତ ମିଶ୍ର, ସନ୍ତୋଷ ମେହେର, ପବିତ୍ର ମେହେର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବୌଦ୍ଧ, ସମ୍ବଲପୁର, ଉଲୁଣ୍ଡା, ସୁବଳୟା, ଫୁଲଚରା ଆଦି ମୋଟ ୮ଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ସୁବଳୟା ଓ ଫୁଲଚରା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଫୁଲଚରା ଦଳ ୧–୦ ଗୋଲରେ ବିଜୟ ହୋଇ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଓ କମିରା ସରପଞ୍ଚ ପ୍ରତିନିଧି ସପନ ପଧାନ, ବିବସ୍ୱତି ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପୁରସ୍କୃତ କରାଯାଇଥିଲା।



ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

## ତରଭାରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ

ତରଭା, ୨୩।୯ (ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା କୋଶଳ ସାହିତ୍ୟ ଏକାଡେମୀ ଓ ବଲାଙ୍ଗୀର ତହଁକ କୁଟୁମ ମିଳିତ ସହଯୋଗରେ ସ୍ଥାନୀୟ ନବଜ୍ୟୋତି କ୍ଲବଠାରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର ମା'ପାଟଣେଶ୍ୱରୀଙ୍କଠାରେ ପୂଜାର୍ଚ୍ଚନା ପରେ ମା' କୁଣ୍ଡାମାଲିଏନ ଦୁଲଦୁଲି ପରିଷଦର ନୃତ୍ୟବାଦ୍ୟର ତାଳେ ତାଳେ କବି କଳାକାରଗଣ ସାଂସ୍କୃତିକ ଶୋଭାଯାତ୍ରାରେ ବାହାରି ତରଭା ସହର ପରିକ୍ରମା କରିଥିଲେ। ପ୍ରଥମ ଅଧିବେଶନରେ ଶାନ୍ତନୁ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବ୍ଲକ ଅଧ୍ୟକ୍ଷ ସରୋଜ କୁମାର କମ୍ପ ମୁଖ୍ୟ ଅତିଥି, ସହକାରୀ ଜିଲା କୃଷି ଅଧିକାରୀ ଜଗବନ୍ଧୁ ପଟେଲ ମୁଖ୍ୟବକ୍ତା, ଏନ୍‌ଏସି ଉପନଗରପାଳ ଗଗନ ଅଗ୍ରୱାଲ, କ୍ଲବ ସଭାପତି ଜନାର୍ଦ୍ଦନ ଥନାପତି, ବିଶିଷ୍ଟ ଶିଳ୍ପପତି ଜନାବ ଆକବର ଅଲ୍ଲୀ, ବ୍ୟଙ୍ଗକବି ଅର୍ଜ୍ଜୁନ କୁମାର ସାହୁ, ସଙ୍ଗଠକ ରାଜେଶ ଦଣ୍ଡସେନା, କୋଶଳପ୍ରେମୀ ରାଜେନ୍ଦ୍ର ଝାଙ୍କର ଓ ସାହିତ୍ୟିକ ଦେବେନ୍ଦ୍ର କୁମାର ନାଏକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇର ମହତ୍ତ୍ୱ ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସଭା ପ୍ରାରମ୍ଭରେ କଣ୍ଠଶିଳ୍ପୀ ମାନସୀ ସାହୁ, ତପସିନୀ ପଟ୍ଟନାୟକ, ସରିତା ନାଏକ ଓ ସ୍ୱର୍ଣ୍ଣକାନ୍ତି ପତି ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଯୁବ ବ୍ଲଗର ସ୍ୱପ୍ନିକା ସାହୁ, ବିଶିଷ୍ଟ ଗବେଷକ ଅଖୋଜ ଷାଣ୍ଢ, କଳାକାର ରଞ୍ଜନ କୁମାର ସା ଏବଂ ଜନପ୍ରିୟ ମାହେଶ୍ୱରୀ ସଙ୍ଗଠନକୁ କୋଶଳୀ ଭାଷା ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କାଇଁଚ ମିଡ଼ିଆ ମୁଖ୍ୟ ଗୋପୀନାଥ ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କୋଶଳୀ କବିତା ଆସରରେ କବି ସଞ୍ଜୀବ ସେଠି, ଇଂ. ଗୋପାଳଚନ୍ଦ୍ର ମେହେର, ଗୀତାଞ୍ଜଳି ମିଶ୍ର, ଲେଖକ ରାଜୀବ ପ୍ରସାଦ ଭୋଇ, ଶ୍ରିୟାକାନ୍ତ ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସୁବର୍ଣ୍ଣପୁର ସମେତ ପଡୋଶୀ ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ବୌଦ୍ଧ ଓ ନୂଆପଡ଼ା ଜିଲାରୁ ଶତାଧିକ କବୟିତ୍ରୀ କବି ସ୍ୱରଚିତ କବିତା ପାଠ କରିଥିଲେ। ଏସବୁ କାର୍ଯ୍ୟକ୍ରମରେ ସୁଦାମ ପୁଟେଲ, ଥବୀର କର୍ମୀ, ସୁଧୀର ପଣ୍ଡା, ରୋଶନ ସାହୁ, ଲୋକନାଥ ଦଳବେହେରା, ଅଭିଜିତ ଫରିକାର, ଲୀନା ମେହେର, କାହ୍ନା ପାତ୍ର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେହିଭଳି କୁନି ନୃତ୍ୟଶିଳ୍ପୀ ଅଲିଭା ନାଏକ, ପ୍ରିୟଦର୍ଶିନୀ ଜେନା, ରିନି ନାଏକ, ସ୍ୱୀକୃତୀ ମିଶ୍ର, ଅର୍ଚ୍ଚନା କୁମ୍ଭାର ପ୍ରମୁଖ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଯଦୁମଣି କର୍ଣ୍ଣ ଓ ଦ୍ୱିତୀୟ ପର୍ଯ୍ୟାୟରେ ତ୍ରିଲୋଚନ ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କୋଶଳୀ କବି ଗରିବ ମଲ୍ଲିକ, ରୋସନ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ନୂଆଁଖାଇ ଭେଟ୍‌ଘାଟ୍ ପାଇଁ ଶୋଭାଯାତ୍ରା।

## ସଂକ୍ଷେପରେ

### ବାଇକ୍ ଚୋରି, ଥାନାରେ ଅଭିଯୋଗ

**ବଡ଼ଗାଁ,୨୩।୯(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ତୁଡାଲଗା ଗ୍ରାମର ଜଣେ ଯୁବକଙ୍କ ଘର ବାରଣ୍ଡାରୁ କେହି ଦୁର୍ବୃତ୍ତ ବାଇକ ଚୋରି କରି ନେଇଯାଇଛନ୍ତି। ଏନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ତୁଡାଲଗା ଗ୍ରାମର ସୁଶାନ୍ତ ଜେନା ରାତି ୮ ଟାରେ ଘରକୁ ଆସିଥିଲେ। ସେ ତାଙ୍କ ବାଇକକୁ ଘର ବାରଣ୍ଡାରେ ରଖିଥିଲେ। ବିଳମ୍ବିତ ରାତିରେ କେହି ଚୋର ବାଇକକୁ ନେଇଯାଇଛନ୍ତି। ବଡ଼ଗାଁ ଥାନା ଅଞ୍ଚଳରେ ପ୍ରତି ସପ୍ତାହ ଚୋରି ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

### ବନ୍ଧମୁଣ୍ଡା କଲେଜରେ ଶ୍ରେଣୀ ଗୃହ ଉଦ୍‌ଘାଟିତ

**ବନ୍ଧମୁଣ୍ଡା, ୨୩।୯(ସୁବ୍ରତ ଦେ):** ବନ୍ଧମୁଣ୍ଡା କଲେଜରେ ୫ଟି ଶ୍ରେଣୀ ଗୃହ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। କଲେଜରେ ଶ୍ରେଣୀ ଗୃହ କମ୍ ଥିବା ଯୋଗୁ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ିବା ପାଇଁ ଅନେକ ଅସୁବିଧା ହେଉଥିଲା ; ଯାହାକୁ ନଜରରେ ରଖି ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ପ୍ରଚେଷ୍ଟାରେ ଏହି ଶ୍ରେଣୀ ଗୃହଗୁଡ଼ିକ ନିର୍ମାଣ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷ ଡ. ପ୍ରଦୀପ ସାହୁଙ୍କ ସମେତ ଅନ୍ୟ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।

### ପଥରେଲରେ ପୋଷଣ ମାସ

**ପାଇକମାଲ,୨୩।୯(ବଡ ଶତପଥି):** ବରଗଡ଼ ଜିଲା ପାଇକମାଲ ଝିଙ୍କି ପଞ୍ଚାୟତ ପଥରେଲ ଗ୍ରାମରେ ମହାଶକ୍ତି ଫାଉଣ୍ଡେଶନ, ଏଲଟିଆଇମାଇଣ୍ଡ, ଟ୍ରି ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ସୋମବାର ପୋଷଣ ମାସ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସୁପରଭାଇଜର ଜତନି ହରିଜନ, ନାଏବ ସରପଞ୍ଚ ପୁନେ ଧରୁଆ ତଥା ଝିଙ୍କି, ମୁନେଇକେଲ, ପଥରେଲ ଓ ଖଲିଆମୁଣ୍ଡା ଗ୍ରାମର ତଥା ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଓଏଲଏମ, ଗର୍ଭବତୀ ମହିଳା, ପ୍ରସୂତି ମା' ଓ କିଶୋରୀ ବାଳିକାମାନେ ଯୋଗଦେଇଥିଲେ। ଏହି ଉତ୍ସବରେ ମହାଶକ୍ତି ଫାଉଣ୍ଡେଶନ ତରଫରୁ ସ୍ୱାସ୍ଥ୍ୟ ଓ ପୋଷଣ ବିଭାଗ ପକ୍ଷରୁ ପୂର୍ବତନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ପ୍ରଜ୍ଞାରାଣୀ ବାରିକ, ପାଇକମାଲ ବ୍ଲକ ସଂଯୋଜକ ହାରାଧନ ବରିହା ଓ ଅଜିତ କୁମାର ପୁଟା, ପବିତ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଗର୍ଭବତୀ ମହିଳା ଓ ପ୍ରସୂତୀ ମା' ଓ କିଶୋରୀ ବାଳିକାମାନେ କିପରି ଭାବେ ନିଜ ସ୍ୱାସ୍ଥ୍ୟପ୍ରତି ପୋଷଣ ଖାଦ୍ୟ ଖାଇପାରିବେ, ଖାଦ୍ୟର ବିବିଧତା ବୃଦ୍ଧି କରିପାରିବେ, ନିଜ ସ୍ୱାସ୍ଥ୍ୟର ବିଶେଷ ମହତ୍ତ୍ୱ ଉଦାହରଣ ସହ ସ୍ୱାସ୍ଥ୍ୟ ବିଶେଷଜ୍ଞ ପ୍ରଜ୍ଞାରାଣୀ ବାରିକ ବିସ୍ତୃତଭାବେ ସମସ୍ତ ମହିଳାଙ୍କୁ ବୁଝାଇଥିଲେ।



ଇଂରାଜୀ ତାଲିମ ଶିବିରରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

# ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ଇଂଲିଶ ଭାଷାର ଗୁରୁତ୍ୱ ରହିଛି

**ବଡ଼ଗାଁ,୨୩।୯( ଅଶୋକ ଷଡ଼ଙ୍ଗୀ)**

**ପଞ୍ଚ ଦିବସୀୟ ଇଂଲିଶ ତାଲିମ ଶିବିର ଉଦ୍‌ଘାଟିତ**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ଭାଷା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ ଭୁବନେଶ୍ୱର ତଥା ସୁନ୍ଦରଗଡ଼ ଜିଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ପଞ୍ଚ ଦିବସୀୟ ଇଂଲିଶ ତାଲିମ ଶିବିର ଆୟୋଜିତ ହୋଇଛି। ଏଥିରେ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ବଡ଼ଗାଁ ବ୍ଲକର ୬୦ ଟି ପ୍ରାଥମିକ ବିଦ୍ୟାଳୟର ୬୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଛନ୍ତି। ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ଲାକ୍ରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସାଧନ କର୍ମୀ ଲଳିନ୍ଦ୍ର ଅମାତ, ଶଶୀଭୂଷଣ ହୋତା, ସତ୍ୟପ୍ରିୟ ପଟେଲ ଓ ପ୍ରିଶିଲା ତିର୍କୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଇଂଲିଶ ତାଲିମ ପ୍ରଦାନ କରୁଛନ୍ତି। ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ଇଂଲିଶ ଭାଷାକୁ ତୃତୀୟରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କିପରି ସହଜ ଓ ସରଳ ଭାବେ ପଢ଼ାଇପାରିବେ ସେ ବିଷୟରେ ତାଲିମ ପ୍ରଦାନ କରାଯାଉଛି। ଛାତ୍ରୀଛାତ୍ରମାନେ ଇଂଲିଶ ଭାଷାକୁ ଭୟ ନ କରି କିପରି ଆଗ୍ରହ ସହିତ ଇଂଲିଶ ଭାଷାକୁ ଶିଖି ବ୍ୟବହାର କରିପାରିବେ ସେଥିପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ସାଧନ କର୍ମୀଙ୍କଠାରୁ ସମସ୍ତ କୌଶଳ ଶିଖିବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଲାକ୍ରା ପରାମର୍ଶ ଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋ ଇଂଲିଶ ଭାଷା ଶିଖିବାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଇଂଲିଶ ଭାଷାର ଗୁରୁତ୍ୱ ରହିଥିବାରୁ ଛାତ୍ରୀଛାତ୍ରଙ୍କ ପାଇଁ ଜରୁରୀ ବୋଲି କହିଥିଲେ। ଜିଲା ସଂଯୋଜକ ଶଶୀଭୂଷଣ ହୋତା ମଞ୍ଚ ପରିଚାଳନା କରିଥିଲାବେଳେ ସାଧନ କର୍ମୀ ସତ୍ୟପ୍ରିୟ ପଟେଲ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ୨୭ ତାରିଖ ଶିବିର ଉଦ୍‌ଯାପିତ ହେବ।

# ସ୍ମାର୍ଟ ମିଟର ବିରୋଧରେ ଆନ୍ଦୋଳନ

**ବରପାଲି,୨୩।୯(ଚିତ୍ତରଞ୍ଜନ ସାହୁ)**

ସ୍ମାର୍ଟ ମିଟର ବିରୋଧରେ ଅଭିଯୋଗ କରି ବରପାଲି ବ୍ଲକ ସଂଯୁକ୍ତ କୃଷକ ସଙ୍ଗଠନ ପକ୍ଷରୁ ସୋମବାର ଏକ ବିରାଟ ଶୋଭାଯାତ୍ରା କରାଯାଇଥିଲା। ବରପାଲି ମାର୍କେଟ ୟାର୍ଡରେ ଏକ ସାଧାରଣ ସଭା ହେବା ପରେ ମୁଖ୍ୟ ସଡ଼କ ଦେଇ ଟାଟା ପାୱାର କାର୍ଯ୍ୟାଳୟଠାରେ ପହଞ୍ଚି ଏକ ପ୍ରତିବାଦ ସଭା କରି ସଂପୃକ୍ତ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତୁରନ୍ତ ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେବା ସହ ସ୍ମାର୍ଟ ମିଟର ଗୁଡ଼ିକ ତହସିଲ ଅଫିସ ସମ୍ମୁଖରେ ଉପଭୋକ୍ତାମାନେ ଫୋପାଡି ଦେଇଥିଲେ।

ଆନ୍ଦୋଳନକୁ ବରପାଲି ବଣିକ ସଂଘ, ଓକିଲ ସଂଘ, ଟ୍ୟାକ୍ସି ମାଲିକ ସଂଘ, ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ, ଡ୍ରାଇଭର ସଂଘ, ଗ୍ୟାରେଜ ସଂଘ, ଟ୍ରାକ୍ଟର ମାଲିକ ସଂଘ ପ୍ରମୁଖଙ୍କ ସହ ବହୁ ସଙ୍ଗଠନ, ଅନୁଷ୍ଠାନ ଓ ବହୁ ସଂଖ୍ୟାରେ ଚାଷୀ ଏହାକୁ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ମେହେର ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ



ଭେଟଘାଟ କାର୍ଯ୍ୟକ୍ରମରେ ମେହେର ସମାଜର କର୍ମକର୍ତ୍ତା।

**ସୁନ୍ଦରଗଡ,୨୩।୯(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଟାଉନ ମେହେର (ଭୁଲିଆ) ସମାଜ ପକ୍ଷରୁ ରବିବାର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଲବଣୀଧର ମେହେରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ନୂଆଁଖାଇ ଭେଟଘାଟ ଶଙ୍କରା ସ୍ଥିତ ସଭାପତି ଅଲେଖ ଚନ୍ଦ୍ର ମେହେରଙ୍କ ବାସ ଭବନରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଉପଦେଷ୍ଟା ଶ୍ୟାମଳେନ୍ଦୁ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାଜ ଉନ୍ନତି ପାଇଁ ଏକତାରେ ବାନ୍ଧି ହେବା ପାଇଁ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥି ସଭାପତି ଅଲେଖ ଚନ୍ଦ୍ର ମେହେର ଯୋଗଦେଇଥିଲେ। ସହ ସମ୍ପାଦକ ରାଜେଶ ମେହେର ସମସ୍ତ ଦାୟିତ୍ୱ ନିର୍ବାହ କରିଥିଲେ। ସମାଜର କୁନି କଳାକାରଙ୍କ ଦ୍ୱାରା ସଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉପଦେଷ୍ଟା ସୀତାରାମ ମେହେର, ନବ ମେହେର, ହେମନ୍ତ ମେହେର, ସମେତ ରବି ମେହେର, ଭିମ ମେହେର, ଦଶରଥ ମେହେର, ଦିଲ୍ଲୀପି ମେହେର, ଶରତ ମେହେର, ସୁଷୁମା ମେହେର, ଅନିତା ମେହେର ଓ ସମାଜର ସମସ୍ତ ସଭ୍ୟା ଓ ସଭ୍ୟ ଉପସ୍ଥିତଥିଲେ। ପିତାମ୍ବର ମେହେର ଓ ପୂର୍ଣ୍ଣ ମେହେର କାର୍ଯ୍ୟକ୍ରମ ପାରିଚଳନାରେ ସହଯୋଗ କରିଥିଲେ।




ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଉପସ୍ଥିତ କର୍ମୀ।

# ମହୁଲସୁଖା ଲୌହ, ମାଙ୍ଗାନିଜ ଖଣି ପକ୍ଷରୁ ସ୍ୱଚ୍ଛତା ପକ୍ଷ

**ଟେନସା,୨୩।୯(ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା କୋଇଡା ଖଣି ଅଞ୍ଚଳ ଅନ୍ତର୍ଗତ ମହୁଲସୁଖା ଲୌହ ଏବଂ ମାଙ୍ଗାନିଜ ଖଣି ମେର୍ସସ ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡର ଭୂତତ୍ତ୍ୱ, ପରିବେଶ ଓ ଖଣିଜ ବିଭାଗର ନେତୃତ୍ୱରେ ଔଦ୍ୟୋଗିକ ସାମାଜିକ ଦାୟିତ୍ୱବୋଧ ବିଭାଗ, କାର୍ମୀକ, ଯାନ୍ତ୍ରିକ, ବିଦ୍ୟୁତ ଓ ପରିବହନ ବିଭାଗର ମିଳିତ ସହଯୋଗରେ ସ୍ୱଚ୍ଛତା ପକ୍ଷ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଖଣିର ସମସ୍ତ ବିଭାଗୀୟ ଏବଂ ଠିକା ଶ୍ରମିକଙ୍କ ଦ୍ୱାରା ସ୍ୱଚ୍ଛତା ଶପଥ ଗ୍ରହଣ କରାଯାଇଥିଲା। ଖଣିର ଲୋକ ସମ୍ପର୍କ ବିଭାଗର ପରିଚାଳକ ରମାକାନ୍ତ ବେହେରା ଶପଥ ପାଠ କରାଇଥିଲେ। ଯାନ୍ତ୍ରିକ ବିଭାଗର ବିଭୂତି ଭୂଷଣ ମହାନ୍ତି, ଖଣି ବିଭାଗର ସୁନୀଲ କୁମାର ଭାରତୀ, ପଦ୍ଧତି ବିଭାଗର ଦୀପ୍ତି ରଞ୍ଜନ ସାହୁ ଓ ଅଶ୍ୱିନୀ କୁମାର ଭୋଇ, ରସାୟନିକ ବିଭାଗର ନିହାର ରଞ୍ଜନ ରାଉତ ପ୍ରମୁଖ ଏଥିରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୪ ରୁ ଆରମ୍ଭ ହୋଇ ଅକ୍ଟୋବର ୧ ତାରିଖରେ ଶେଷ ହେବ। ଏହି କାର୍ଯ୍ୟକ୍ରମ ଅବସରରେ ନିକଟସ୍ଥ ବିଦ୍ୟାଳୟରେ ସ୍ୱଚ୍ଛତା ସଚେତନ କାର୍ଯ୍ୟକ୍ରମ, ଚିତ୍ରାଙ୍କନ ପ୍ରତିଯୋଗିତା, ଗ୍ରାମରେ ସ୍ୱଚ୍ଛତା ରାଲି, ଖାଦାନର ବିଭିନ୍ନ ଅଞ୍ଚଳ ପରିଷ୍କାର କରାଯାଉଛି। ଖଣି ମଧ୍ୟରେ କେତେକ ସ୍ଥାନରେ ଚାରା ରୋପଣ କରାଯାଇଥିଲା। ଖଣିର ମୁଖ୍ୟ ଦିଲୀପ କୁମାର ପରିଡା, ଜେନେରାଲ ମ୍ୟାନେଜର ଭାବଗ୍ରାହୀ ମହାପାତ୍ର, ଖଣି ପରିଚାଳକ ଚନ୍ଦ୍ରକାନ୍ତ ରଥଙ୍କ ଅଧକ୍ଷତାରେ ଚାରା ବଣ୍ଟନ କରାଯାଇଥିଲା।

### ଆନ୍ଦୋଳନ ଯୋଗୁ କାରଖାନାକୁ କଞ୍ଚାମାଲ ପରିବହନ ବାଧାପ୍ରାପ୍ତ

**କୁତ୍ରା,୨୩।୯(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅଞ୍ଚଳରେ ଥିବା ଏକ ସିମେଣ୍ଟ କାରଖାନା ସମ୍ମୁଖରେ ସ୍ଥାନୀୟ ଗ୍ରାମବାସୀ ଆନ୍ଦୋଳନରେ ବସି ଥିବାରୁ କାରଖାନାକୁ ଭାରି ଯାନ ଚଳାଚଳ ବନ୍ଦ ରହିଛି। ଫଳରେ କୁତ୍ରାରୁ ଖତକୁରବାହାଲ ରାସ୍ତାରେ ବହୁ ଚୂନପଥର ବୋଝେଇ ଭାରିଯାନ ଅଟକି ରହିଛି। ଅନ୍ୟପଟେ ଆନ୍ଦୋଳନକୁ ଦେଖି ଘଟଣା ସ୍ଥଳରେ କୁତ୍ରା ତହସିଲଦାର ପ୍ରମୋଦ କୁମାର ବାସ୍କେ, ଥାନା ଅଧିକାରୀ ମନୋରଞ୍ଜନ ବିଶି, କାରଖାନା କର୍ତ୍ତୃପକ୍ଷ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ମଧ କୌଣସି ନିଷ୍କର୍ସ ବାହାରି ପାରି ନାହିଁ। ସୂଚନାଯୋଗ୍ୟ, ଭାରିଯାନ ଯୋଗେ ଖତକୁରବାହାଲ ଖଣିରୁ ଉକ୍ତ କାରଖାନାକୁ ପ୍ରତ୍ୟେକ ଦିନ ଭାରିଯାନ ଯୋଗେ କଞ୍ଚାମାଲ ପରିବହନ ହେଉଛି। ଧୂଳି ଉଡ଼ିବା ଯୋଗୁ ଏହି ରାସ୍ତା ଦେଇ ଯା'ଆସ କରୁଥିବା ଲୋକେ ଏବଂ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ଯୁବ କଳାକାରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି



ଯୁବ କଳାକାରଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

**ରାଉରକେଲା,୨୩।୯(ଦିନେଶ ମିଶ୍ର)**

ଯୁବ କଳାକାର ନୀଳକଣ୍ଠ ପଲେଇ ଓରଫ ନିଲୁଙ୍କ ବିୟୋଗରେ ରାଉରକେଲା ମ୍ୟୁଜିକ୍ ସେଲିବ୍ରେଶନ ଗ୍ରୁପ୍ ମୁଖ୍ୟ ହିମାଂଶୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ନିଲୁ ଜଣେ ଅକ୍ଟୋପ୍ୟାଡ ବାଦ୍ୟଯନ୍ତ୍ର ଶିଳ୍ପୀ ଭାବେ ସହରର ବିଭିନ୍ନ ସ୍ଥାନରେ ତାଙ୍କର କଳା ପ୍ରଦର୍ଶନ କରିଥିଲେ। ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ଗ୍ରୁପର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ୨ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ନନ୍ଦନ ମୁଖାର୍ଜୀ, ଶୁଭେନ୍ଦୁ ସାହୁ, ସୁସ୍ମିତା ମୁଖାର୍ଜୀ, ବଟକୃଷ୍ଣ ସାହୁ, ରଜତ ସାହୁ, ସତ୍ୟଞ୍ଜୟ ତ୍ରିପାଠୀ, ମାଳା ସମାସୀ, ମୀନତି ତ୍ରିପାଠୀ, ଲୀନା ସେନାପତି, ପ୍ରଞ୍ଜଳି ନାଗ, ଶ୍ରୀକାନ୍ତ ଚୌଧୁରୀ, ସମରେଶ ଦାସ, ସୁବ୍ରତ ଦାସ, ରମେଶ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପଲେଇଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ସ୍ୱାସ୍ଥ୍ୟ ଶିବିରରେ ଯୋଗ ଦେଇଥିବା ଡାକ୍ତର ଏବଂ ଅନ୍ୟମାନେ।

# ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କଲେ ୩୨୦

**ରାଉରକେଲା,୨୩।୯(ଦିନେଶ ମିଶ୍ର)**

ରୋଟାରୀ କ୍ଲବ ଅଫ୍ ରାଉରକେଲା କୁଇନ୍ସ ଓ ହାଇଟେକ୍ ମେଡିକାଲର ମିଳିତ ଆନୁକୂଲ୍ୟରେ ସେକ୍ଟର-୮ ସ୍ଥିତ ଆଶାର ଆଲୋକ କାର୍ଯ୍ୟାଳୟରେ ସୋମବାର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୩୨୦ ଜଣ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ହାଇଟେକ୍ ମେଡିକାଲର ଚକ୍ଷୁ, ଦାନ୍ତ ଓ ବିଭିନ୍ନ ବିଭାଗର ଡାକ୍ତରମାନେ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରୋଗୀମାନଙ୍କୁ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ରୋଟାରୀ କ୍ଲବର ଅଧ୍ୟକ୍ଷା ବରଖା ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଏହି ଶିବିର ଆୟୋଜନ କରାଯାଇଥିଲା। ହାଇଟେକ୍ ମେଡିକାଲର ସଦସ୍ୟ ସୁଶାନ୍ତ ଆଚାର୍ଯ୍ୟ ଓ ସତ୍ୟନାରାୟଣ ରଥଙ୍କ ସମେତ କ୍ଲବର କନକଜିତ ଅଗ୍ରୱାଲ, ହରପାଲ ରୋପରା, ରୁବି ଚାୱଲା, ରାଣୀ ଛାବଡା, ସୁମନ ଜିନ୍ଦଲ, ଗ୍ରୀଷ୍ମା ପରମାଦ, ରଶ୍ମି ଖେମାନୀ, ଅରବିନ୍ଦ କୌର, ପୁନମ୍ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ରାଜବୋଡାସମ୍ବର କୃଷକ ସଙ୍ଗଠନର ନୂଆଁଖାଇ ଭେଟଘାଟ୍

**ପଦ୍ମପୁର,୨୩।୯(ପ୍ରଦୀପ୍ତ ଦାଶ)**

ଦେବଦର୍ହା ଧବଳେଶ୍ୱର ପୀଠରେ ରାଜବୋଡା ସମ୍ବର କୃଷକ ସଙ୍ଗଠନର ନୂଆଁଖାଇ ଭେଟଘାଟ ଆୟୋଜିତ ହୋଇଯାଇଛି। ଏଥିରେ ଝାରବନ୍ଧ, ପାଇକମାଲ, ପଦ୍ମପୁର, ଗାଇସିଲେଟ, ବିଜେପୁର, ଅତାବିରା, ଭେଡେନ, ଭଟଲି, ଅମ୍ବାଭୋନା ଓ ଅନ୍ୟାନ୍ୟ ବ୍ଲକରୁ ଚାଷୀ ପ୍ରତିନିଧି ଯୋଗଦେଇଥିଲେ। କୃଷକ ସଙ୍ଗଠନର ସଭାପତି ବାଞ୍ଛାନିଧି ନାୟକଙ୍କ ଅଧକ୍ଷତାରେ ପରିଚାଳିତ ସଭାରେ ଉପଦେଷ୍ଟା ଉତ୍ପନ୍ନ ଭୋଇ, ରମେଶ ମହାପାତ୍ର, ଅଶୋକ ସାହୁ, ଆଇନ ପରାମର୍ଶଦାତା ଅଜିତ ଶତପଥୀ, ବାରପାହାଡ଼ କୃଷକ ସଙ୍ଗଠନର ଈଶାନ୍ତ ଭୋଇ, ଅତାବିରାର ବିରେନ କର, ଭେଡେନ ସୁଦାମ ପାତ୍ର, ରୋହିତ ପ୍ରଧାନ, ସଂକଳ୍ପ ପରିବାର, କୋଶଳ ସେନା ପ୍ରତିନିଧି ମଞ୍ଚାସୀନ ଥିଲେ। ଧାନର ଉଚିତ ମୂଲ୍ୟ, ସୁରକ୍ଷିତ ମଣ୍ଡି ବ୍ୟବସ୍ଥା, ଚାଷୀଙ୍କ ପ୍ରାପ୍ୟ, ବିଦ୍ୟୁତ ସମସ୍ୟା, ବିଲ ଛାଡ଼, ଗନ୍ଧମାର୍ଦ୍ଧନର ସୁରକ୍ଷା ବିଷୟରେ ଆଲୋଚନା ହୋଇଥିଲା।

# ୯ ଫୁଟ ଲମ୍ବର ଅଜଗର ଉଦ୍ଧାର

**ବଡ଼ଗାଁ,୨୩।୯(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବସ୍ତିର ଜଣେ ବ୍ୟକ୍ତିଙ୍କ ଘର ବାଡ଼ିପଟୁ ଏକ ୯ ଫୁଟ ଲମ୍ବର ଅଜଗର ସାପ ବାହାରିଥିଲା। ସାପକୁ ସ୍ଥାନୀୟ ସାପ ଧରାଳି ମହେନ୍ଦ୍ର ନାଏକ ଧରି ବନ କର୍ମଚାରୀଙ୍କୁ ଦେଇଥିଲେ। ବନ କର୍ମଚାରୀମାନେ ଅଜଗରକୁ ମହାବୀର ପର୍ବତରେ ଛାଡିଛନ୍ତି। ଘଟଣା ଅନୁଯାୟୀ, ସୋମବାର ପୂର୍ବାହ୍ନ ୧୧ଟାରେ ବଡ଼ଗାଁ ବସ୍ତିର କୌତୁକ ପୃଷେଟଙ୍କ ଘର ବାଡିପଟ ବିଲରେ କାମ କରୁଥିବା ମହିଳାମାନେ ଅଜଗର ଯାଉଥିବା ଦେଖି ପାଟି କରିଥିଲେ। ଲୋକେ ସ୍ଥାନୀୟ ସାପ ଧରାଳି ମହେନ୍ଦ୍ରଙ୍କୁ ସୂଚନା ଦେଇଥିଲେ।



ଉଦ୍ଧାର ହୋଇଥିବା ଅଜଗର।

# ଭେଟରନ ବ୍ରଦର ଚାମ୍ପିୟନ

**ଭେଟରନ ନକ୍ ଆଉଟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

**ବନ୍ଧମୁଣ୍ଡା,୨୩।୯(ସୁବ୍ରତ ଦେ)**

ବନ୍ଧମୁଣ୍ଡା ବି-ସେକ୍ଟରସ୍ଥିତ ଆର୍‌ପିଏଫ୍ ଗ୍ରାଉଣ୍ଡଠାରେ ଆୟୋଜିତ ଏକଦିବସୀୟ ପ୍ରଥମ ଭେଟରନ ନକ୍ ଆଉଟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ମା' କାଳୀ କ୍ଲବ, ମିଳନ କ୍ଲବ, ଓସିଏନ୍ କ୍ଲବ ଏବଂ ନାଇନ ଷ୍ଟାର କ୍ଲବ ଦ୍ୱାରା ଆୟୋଜିତ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ପରମଜିତ ସିଂ ସନ୍ଧୁ, ଡି ଅଭିକ କୁମାର, ବିଷ୍ଣୁ ଛେତ୍ରୀ, ଗଣେଶ ବିଶ୍ୱାଳ, ଶିବ ନାରାୟଣ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଫାଇନାଲ ମ୍ୟାଚ ରାଉରକେଲା ଲିଜେଣ୍ଡ ୧୧ ଏବଂ ଭେଟରନ ବ୍ରଦର ରାଉରକେଲା ମଧ୍ୟରେ ଖେଳାଯାଇଥିଲା ; ଯେଉଁଥିରେ ଭେଟରନ ବ୍ରଦର ଟିମ ଟ୍ରାଇ ବ୍ରେକରରେ ଜିତ୍ ହାସିଲ କରିଛି। ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟ ଶେଷରେ ବିଜେତା ଏବଂ ଉପବିଜେତା ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଟୁର୍ନାମେଣ୍ଟ ଆୟୋଜନରେ ଲାଲୁ ଛେତ୍ରୀ, ଜନ ଭେଙ୍ଗ୍ରା, ରୋଶନ ଖାନ, ଶକ୍ତି ହେମ୍ବ୍ରମ, ରାଉତ ହୋନହାଗା, ଆୟୁଷ ବାନ୍ଦ୍ରା, ରୂପେଶ ଗୋସାଇ, ବିମଳ ଦାସ, ଅରୁଣ ଗୋପ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।



ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

## ସଂକ୍ଷେପରେ

## ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ବମ୍ପରଡା ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟ**

ଦେବଗଡ଼,୨୩।୯
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ବମ୍ପରଡାସ୍ଥିତ ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ନିର୍ବାଚନ ପରେ ଉକ୍ତ ବିଦ୍ୟାଳୟକୁ ବିଧାୟକ ବିଶ୍ୱାଳଙ୍କ ପ୍ରଥମ ଗସ୍ତ ହୋଇଥିବାରୁ ଏହି ଅବସରରେ ତାଙ୍କୁ ମଧ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଛାତ୍ରୀଛାତ୍ରମାନେ ସ୍ୱାଗତ କରିଥିଲେ। ବିଧାୟକ ବିଶ୍ୱାଳ ବିଦ୍ୟାଳୟ ପରିସର ବୁଲି ଦେଖିବା ସହ ବିଭିନ୍ନ ସୁବିଧା ଅସୁବିଧା ଓ ଆବଶ୍ୟକତା ସମ୍ପର୍କରେ ଅଧାପକ ଓ ଅଧାପିକାମାନଙ୍କ ସହ ଆଲୋଚନା କରିଥିଲେ। ଗତ ଶିକ୍ଷାବର୍ଷରେ ଉକ୍ତ ବିଦ୍ୟାଳୟର ୭ଜଣ ଛାତ୍ରୀଛାତ୍ର ଭଲ ନମ୍ବର ହାସଲ କରି ସରକାରଙ୍କ ପକ୍ଷରୁ ଲ୍ୟାପଟପ ପାଇଥିବାରୁ ସେମାନଙ୍କୁ ଅନୁସରଣ କରି ଚଳିତବର୍ଷ ଅଧିକରୁ ଅଧିକ ଛାତ୍ରୀଛାତ୍ର ସଫଳତା ହାସଲ କରିବାକୁ ବିଧାୟକ ବିଶ୍ୱାଳ ପରାମର୍ଶ ଦେଇଥିଲେ।

## ଆଜି ପାଳନ ହେବ ଭାଗବତ ନନ୍ଦଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ

**ଯୋଗଦେବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ**

ଦେବଗଡ଼,୨୩।୯
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ସାମ୍ବାଦିକ ସଂଘ ଓ ଭାଗବତ ନନ୍ଦ ସ୍ମୃତି କମିଟି ପକ୍ଷରୁ ମଙ୍ଗଳବାର ବିଶିଷ୍ଟ ସାମ୍ବାଦିକ, ସାମାଜକ କର୍ମୀ ତଥା ସର୍ବୋଦୟ ନେତା ଭାଗବତ ପ୍ରସାଦ ନନ୍ଦଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହେବ। ସ୍ଥାନୀୟ ସେଣ୍ଟର୍ ଫର୍ କଲଚର୍ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ମାନିତ ଅତିଥି ଭାବେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତା ଓ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ କୁମାର ମହାନ୍ତି ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏଥି ନିମନ୍ତେ ଆୟୋଜକ ଦେବଗଡ ଜିଲା ସାମ୍ବାଦିକ ସଂଘ ଓ ଭାଗବତ ନନ୍ଦ ସ୍ମୃତି କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଯାଇଛି।

# ହାତୀ ଆକ୍ରମଣରେ ୩ ଛେଳି ମୃତ: ଘର, ଫସଲ ନଷ୍ଟ





ଦେବଗଡ଼,୨୩।୯
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବନାଞ୍ଚଳ ରେଙ୍ଗାଲବେଡା ସେକ୍ସନ ବରତଇଲା ଖସଡା ଜଙ୍ଗଲ ଅଧୀନ ଡେଙ୍ଗସର୍ଗୀ ଗ୍ରାମରେ ଦନ୍ତା ହାତୀ ଆକ୍ରମଣରେ ତିନୋଟି ଛେଳିଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ସୋମବାର ଅପରାହ୍ଣ ପ୍ରାୟ ୪ଟା ସମୟରେ ଏକ ଦନ୍ତାହାତୀ ରେଙ୍ଗାଲବେଡା ସେକ୍ସନ ଟିଙ୍କବିର ବିଟ ବରତଇଲା ଖସଡା ଜଙ୍ଗଲରୁ ଡେଙ୍ଗସର୍ଗୀ ଗ୍ରାମର ବରତଇଲା ସାହିକୁ ପଶିଥିଲା। ଉକ୍ତ ଗ୍ରାମର ଭୁବୁନୀ ଉଦାବରଙ୍କ ତିନିଗୋଟି ଛେଳିକୁ ଦଳି ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ୩ଛେଳିର ମୃତ୍ୟୁ ଘଟିଥିଲା। ସୂଚନା ପାଇ ବନ ବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ହାତୀଟିକୁ ଜଙ୍ଗଲ ମଧ୍ୟକୁ ଘଉଡାଇ ଦେବା ସହ କ୍ଷୟକ୍ଷତିର ଆକଳନ କରିଥିବା ଜଣାପଡିଛି। ଅନ୍ୟପକ୍ଷରେ ଟିଙ୍କବୀର ବିଟ ଅନ୍ତର୍ଗତ କଉଁଶିତଇଲା ଗ୍ରାମର ଈଶ୍ୱର ଦେହୁରୀଙ୍କର ଘର କାନ୍ଥ ମଧ ଭାଙ୍ଗି ଦେଇଥିବା ଜଣାପଡିଛି। କ୍ଷତିଗ୍ରସ୍ତ ମାନଙ୍କୁ ବନ ବିଭାଗ ପକ୍ଷରୁ ଉଚିତ କ୍ଷତିପୂରଣ ପ୍ରଦାନ ପାଇଁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି। ଅନ୍ୟପକ୍ଷରେ ରବିବାର ରାତ୍ରୀରେ ୧୩ଟି ହାତୀର ଏକ ଦଳ କୁଣ୍ଢେଇଗୋଳା ଫରେଷ୍ଟ ସେକ୍ସନ ଅନ୍ତର୍ଗତ କୋରଡପୋଶି ଓ କୋହ୍ଲଣିପାଳ ଗ୍ରାମରେ ପଶି ଚାଷୀ ଜେନାମଣି ଦେହୁରୀ ଓ ଅଜୟ ବେହେରାଙ୍କ ପୋଟଳ, କାକୁଡି, ଝୁଡଙ୍ଗ ଓ ବାଇଗଣ ବଗିଚା ନଷ୍ଟ କରିଛନ୍ତି। ପରେ ଆନନ୍ଦ ସାହୁ, ରଶାନନ୍ଦ ସାହୁ, ଶାନ୍ତନୁ ସାହୁ, ସିନ୍ଧୁ ନାୟକ, ମଙ୍ଗୁଲୁ ନାୟକ ଓ ପବିତ୍ର ନାୟକଙ୍କ ଧାନ ବିଲରେ ପଶିବା ସହ ମାଡିଦଳି ବ୍ୟାପକ ନଷ୍ଟ କରିଥିବା ଜଣାପଡିଛି।

# ନୂଆଁଖାଇ ଭେଟ୍‌ଘାଟ୍, କବି ସମ୍ମିଳନୀ

ଦେବଗଡ଼,୨୩।୯
(ଶଶାଙ୍କ ଶେଖର ଝାଙ୍କର)

**ବାମଣ୍ଡା ସାହିତ୍ୟ ସଂସଦ**

ଅଗ୍ରଣୀ ସାହିତ୍ୟାନୁଷ୍ଠାନ 'ବାମଣ୍ଡା ସାହିତ୍ୟ ସଂସଦ'ଆନୁକୂଲ୍ୟରେ ସ୍ଥାନୀୟ ସୂଚନା କେନ୍ଦ୍ର ଓ ପାଠାଗାରଠାରେ ନୂଆଁଖାଇ ଭେଟଘାଟ ଓ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବାମଣ୍ଡା ସାହିତ୍ୟ ସଂସଦ ସମ୍ପାଦକ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ଆବାହକତ୍ୱ ଏବଂ ସଭାପତି ମୁରଲୀଧର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶ୍ୱ ଶ୍ରଷ୍ଟା ଗଠନ ଭବନର ପ୍ରତିଷ୍ଠାତା ଭାତୃ କୁମାର ପ୍ରଫୁଲ୍ଲ ଓ ସମ୍ମାନିତ ଅତିଥି ଭାବେ ଡାକ୍ତର ରାମଚନ୍ଦ୍ର ମହାପାତ୍ର ଯୋଗଦେଇ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସାହିତ୍ୟିକ ଟିକେଶ୍ୱର ସାହୁଙ୍କ ସଂଯୋଜନାରେ ଏକ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେବଗଡ ଜିଲାର ବିଭିନ୍ନ ପ୍ରାନ୍ତରୁ ବହୁ କବି ଓ କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ କବି ମୁରଲୀଧର ନାୟକଙ୍କ ରଚିତ କବିତା ପୁସ୍ତକ 'କବିତା ବାରିଧି' ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସେହିପରି ସାହିତ୍ୟ କୃତୀ ସମେତ ସାନଗ୍ରୀକ ଉପଲବଧ ନିମନ୍ତେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉଦୟନାଥ ପ୍ରଧାନଙ୍କୁ ସଂସଦ ପକ୍ଷରୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟିକ ଗୌରହରି ଷଡଙ୍ଗୀ ଶବ୍ଦଯନ୍ତ୍ର ପରିଚାଳନା କରିଥିବାବେଳେ ସମ୍ପାଦକ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଦେବଗଡ଼,୨୩।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ତିଲେଇବଣି ବ୍ଲକ ଡିମିରିକୁଦା ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୭୨ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୨୩ ଟି ବ୍ୟକ୍ତିଗତ ଏବଂ ୪୯ଟି ସାମୂହିକ ଅଭିଯୋଗ ଥିବା ଜଣାପଡିଛି। ବିଶେଷ କରି ମୋବାଇଲ ଟାୱାର, ହାତୀ ଧାନ ଖାଇବା ସମ୍ବନ୍ଧେ, ରାସ୍ତା ମରାମତି, କେନାଲରେ ଚେକ ଡ୍ୟାମ୍ ନିର୍ମାଣ ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଡିଏସ୍‌ପି କୈଳାଶ ଚନ୍ଦ୍ର ବୁରୁଦା, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତିଲେଇବଣି ରଘୁନାଥ ପାଣିଗ୍ରାହୀ, ତହସିଲଦାର ସୂର୍ଯ୍ୟକାନ୍ତ ବରିହା, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁରଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସୁବଳୟାକୁ ହରାଇ ଫୁଲଚରା ଚାମ୍ପିୟନ

ଅମରପାଲି,୨୩।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ଖେଳପଡିଆ ଠାରେ ରବିବାର ୩୫ତମ ଆଲୋକ ଏଫ୍‌ସି ପକ୍ଷରୁ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସୁବଳୟା ସରପଞ୍ଚ ପ୍ରମୋଦ ମହାପାତ୍ର, ସ୍ଥାନୀୟ ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ, ସ୍ୱେଚ୍ଛାସେବୀ ଶେଷଦେବ ବାରିକ, ସଦାନନ୍ଦ ମହାନନ୍ଦ, ଭାଜପା ମଣ୍ଡଳ ସଭାପତି ଶରତ ମିଶ୍ର, ସନ୍ତୋଷ ମେହେର, ପବିତ୍ର ମେହେର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବୌଦ୍ଧ, ସମ୍ବଲପୁର, ଉଲୁଣ୍ଡା, ସୁବଳୟା, ଫୁଲଚରା ଆଦି ମୋଟ ୮ଟି ଦଳ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ସୁବଳୟା ଓ ଫୁଲଚରା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଫୁଲଚରା ଦଳ ୧–୦ ଗୋଲରେ ବିଜୟ ହୋଇ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଓ କମିରା ସରପଞ୍ଚ ପ୍ରତିନିଧି ସପନ ପଧାନ, ବିବସ୍ୱତି ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପୁରସ୍କୃତ କରାଯାଇଥିଲା।

# ସଫେଇ ମିତ୍ର ସୁରକ୍ଷା ଶିବିର




ସଫେଇ ମିତ୍ର ସୁରକ୍ଷା ଶିବିରରେ ଆୟୋଜିତ କାର୍ଯ୍ୟକ୍ରମ।

ଦେବଗଡ଼,୨୩।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ପୌର ପରିଷଦ କଲ୍ୟାଣ ମଣ୍ଡପରେ ସ୍ୱଚ୍ଛତା ହିଁ ସେବା–୨୦୨୪ ଅଧୀନରେ ସଫେଇ ମିତ୍ର ସୁରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୌର ପରିଷଦ ରାଜୀବ ଲୋଚନ ନାଏକଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌର ପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀ ଦେଇ ଓ ବରେଣ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା ଯୋଗଦେଇ ସ୍ୱଚ୍ଛତା ସମୟରେ ସଫେଇ କର୍ମଚାରୀ କ'ଣ ସବୁ ସତର୍କତା ଅବଲମ୍ବନ କରିବେ ସେ ନେଇ ପରାମର୍ଶ ଦେଇଥିଲେ। ଏହି ଅବସରରେ ପୌର ପରିଷଦର କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ହେପାଟାଇଟିସ–ବି ପ୍ରତିଶେଧକ ଦିଆଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମୀ ସ୍ୱାସ୍ଥ୍ୟ ପରୀକ୍ଷାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ପୌର ପରିଷଦର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପାଣି ଛାଡ଼ିବା ସମୟରେ କେନାଲ କାମ ନେଇ ଅସନ୍ତୋଷ

ବୌଦ୍ଧ,୨୩।୯( ଅଜିତ କୁମାର ବାରିକ)

ବୌଦ୍ଧ ଏକ କୃଷିପ୍ରଧାନ ଜିଲା । ଜିଲାର ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରି ଚଳିଥାନ୍ତି । ଚାଷ କହିଲେ ମୁଖ୍ୟତଃ ଧାନଚାଷ ହୋଇଥାଏ । ବର୍ତ୍ତମାନ ଧାନ ଫସଲ ପାଇଁ ପାଣିର ଆବଶ୍ୟକ ରହିଛି। ଜମିକୁ ପାଣି ଦରକାର ସମୟରେ ବୌଦ୍ଧ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ କେନାଲ କାମ କରାଯାଉଥିବା ଦେଖିବାକୁ ମିଳିଛି ଲକ୍ଷ୍ମଣପୁର କ୍ଷୁଦ୍ର ଜଳସେଚନ କେନାଲରେ । ଲକ୍ଷ୍ମଣପୁର କେନାଲ ଦ୍ୱାରା କରଞ୍ଜକଟା ଗ୍ରାମ ପଞ୍ଚାୟତର କରଞ୍ଜକଟା, ଡୁକୁଲୁଣ୍ଡା, ଲକ୍ଷ୍ମଣପୁର, ଉପରକଟା, ସୋରିଷପଖାଲ , ଲୋକାପଡା, ପାବୁଲିପଡା ଆଦି ଗ୍ରାମର ଶହ ଶହ ଏକର ଚାଷ ଜମିକୁ ପାଣି ମାଡିଥାଏ । ଏଥିପାଇଁ ବିଲେଇଘାଇ ନାଳରେ ଏକ ଛୋଟ ଡ୍ୟାମ ନିର୍ମାଣ କରାଯାଇ ଦୀର୍ଘ ବର୍ଷ ହେବ କାର୍ଯ୍ୟକାରୀ ହୋଇ ଚାଷ ଜମିକୁ କେନାଲ ସାହାଯ୍ୟରେ ପାଣି ଯୋଗାଣ ହୋଇଆସୁଛି । କିନ୍ତୁ ବୌଦ୍ଧ କ୍ଷୁଦ୍ରଜଳସେଚନ ବିଭାଗ ପକ୍ଷରୁ ଦୀର୍ଘ ୧୫ ଦିନରୁ ଅଧିକ ହେବ କେନାଲରେ ପାଣି ଛାଡିବା ବନ୍ଦ କରି କାମ କରାଯିବା ଯୋଗୁ ଲକ୍ଷ୍ମଣପୁର ଗ୍ରାମର ଚାଷୀଙ୍କ ଧାନ ଫସଲ ପାଣି ନ ପାଇଁ ନଷ୍ଟ ହେବାକୁ ବସିଛି । ଏନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି । ଏପଟେ ବିଭାଗ ଚାଷ ଜମିକୁ ପାଣି ଯୋଗାଇ ଦେବା ସମୟରେ କାହା ସ୍ୱାର୍ଥରେ କେନାଲ କାମ କରୁଛି ଏହାକୁ ନେଇ ଚାଷୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରି ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି।

## ୪ କୁଇଣ୍ଟାଲ ଗଞ୍ଜେଇ ଜବତ

ବୌଦ୍ଧ,୨୩।୯(ଅଜିତ କୁମାର ବାରିକ)

ବୌଦ୍ଧ ପୋଲିସ ଏକ ବୋଲେରୋ ପିକ୍‌ଅପ୍ ସହ ୪ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ରବିବାର ମନମୁଣ୍ଡା ଅଞ୍ଚଳରୁ ବୌଦ୍ଧ ଦେଇ ଗଞ୍ଜେଇ ଚାଲାଣ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବୌଦ୍ଧ ଆଦର୍ଶ ଥାନାର ଏକ ଟିମ୍ ଜାତୀୟ ରାଜପଥର ବଲାଶିଙ୍ଗା ନିକଟରେ ଜଗି ରହିଥିଲେ। ଏହି ସମୟରେ ମନମୁଣ୍ଡା ପଟରୁ ଏକ ବୋଲେରୋ ପିକ୍‌ଅପ୍ (ନଂଓଡି ୩୧ଏଚ୮୧୧୬) ଆସୁଥିବା ବେଳେ ଏହାର ଡ୍ରାଇଭର ପୋଲିସ ଟିମ୍‌କୁ ଦେଖି ସାଲୁଙ୍କି ବ୍ରିଜ ନିକଟରେ ଗାଡି ଛାଡି ଚାବି ନେଇ ଫେରାର ହୋଇ ଯାଇଥିଲା। ପୋଲିସ ଗାଡ଼ିକୁ ଯାଞ୍ଚ କରାଯିବା ପରେ ଜରି ବସ୍ତାରେ ୪ କୁଇଣ୍ଟାଲ ଗଞ୍ଜେଇ ଥିବା ଜଣାପଡିଥିଲା ।

# ବ୍ଳକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ଦେବଗଡ଼,୨୩।୯
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ରିଆମାଳ ବ୍ଲକ ସେଣ୍ଟାସ୍ଥିତ ବହୁମୁଖି ବିଦ୍ୟାପୀଠରେ ପୂରୀସ୍ଥିତ ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ରବିବାର ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପରମହଂସ ପ୍ରଜ୍ଞାନା ନନ୍ଦଜିଙ୍କ ମାର୍ଗଦର୍ଶନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଟଙ୍କଧର ଦେହୁରୀ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନୂଆଁଗାଁସ୍ଥିତ 'ମହିମା ଗୋ ସେବା ସମିତି' ତଥା ପ୍ରଜ୍ଞାନ ମିଶନର କାର୍ଯ୍ୟକର୍ତ୍ତା ବାବା ଅଜୟ ଦାସ ଓ ଅନୁଗୋଳ ଶାଖାର କାର୍ଯ୍ୟକର୍ତ୍ତା କୀର୍ତ୍ତନ ବେହେରା ଯୋଗଦେଇଥିଲେ। ଗୀତା ଆବୃତ୍ତି ପ୍ରତିଯୋଗିତାରେ ମୋଟ ୧୫୦ଜଣ ପ୍ରତି ଯୋଗୀ ଅଂଶଗ୍ରହଣ କରି ଗୀତା ପାଠ କରିବା ସହ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସଭାପତି ଧରଣୀଧର ନାୟକ, ଉପ ସଭାପତି ପ୍ରଦୀପ କୁମାର ବେହେରା ଓ ଉପସଭାପତି ପଞ୍ଚାନନ ଦେହୁରୀ ଯୋଗଦେଇ ତିନୋଟି ପର୍ଯ୍ୟାୟରେ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି କାର୍ଯ୍ୟକ୍ରମ ଆୟୋଜନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବାରୁ ଶିକ୍ଷକ ପ୍ରଦୀପ କୁମାର ଭୁତିଆଙ୍କୁ ପ୍ରଜ୍ଞାନ ମିଶନ ଓ ଦଶଘରିଆ ୟୁଜିଏମଇ ସ୍କୁଲ ଶିକ୍ଷୟିତ୍ରୀ ପୁଷ୍ପଲତା ବେହେରାଙ୍କୁ ବିଦ୍ୟାଳୟ ପକ୍ଷରୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷକ ମନୋଜ ଦାସ ମହାପାତ୍ର, ବିକ୍ରମ ଦଳେଇ, ଜନକ ଜଗତ, ସଞ୍ଜୁବାଳା ଶତପଥି, ସୁଜୟ ନାଏକ, ସୁନୀଲ ନାଏକ ଓ କଲ୍ୟାଣୀ ମହାନ୍ତି ସକ୍ରିୟ ସହଯୋଗ କରିଥିଲେ।




ଗୀତା ଆବୃତ୍ତି କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରଛାତ୍ରୀ।

# ତରଭାରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ

ତରଭା, ୨୩।୯(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା କୋଶଳ ସାହିତ୍ୟ ଏକାଡେମୀ ଓ ବଲାଙ୍ଗୀର ତହଁକ କୁଟୁମ ମିଳିତ ସହଯୋଗରେ ସ୍ଥାନୀୟ ନବଜ୍ୟୋତି କ୍ଲବଠାରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର ମା'ପାଟଣେଶ୍ୱରୀଙ୍କଠାରେ ପୂଜାର୍ଚ୍ଚନା ପରେ ମା' କୁଣ୍ଡାମାଳିଏନ ଦୁଲଦୁଲି ପରିଷଦର ନୃତ୍ୟବାଦ୍ୟର ତାଳେ ତାଳେ କବି କଳାକାରଗଣ ସାଂସ୍କୃତିକ ଶୋଭାଯାତ୍ରାରେ ବାହାରି ତରଭା ସହର ପରିକ୍ରମା କରିଥିଲେ। ପ୍ରଥମ ଅଧିବେଶନରେ ଶାନ୍ତନୁ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବ୍ଲକ ଅଧକ୍ଷ ସରୋଜ କୁମାର କମ୍ପ ମୁଖ୍ୟ ଅତିଥି, ସହକାରୀ ଜିଲା କୃଷି ଅଧିକାରୀ ଜଗବନ୍ଧୁ ପଟେଲ ମୁଖ୍ୟବକ୍ତା, ଏନ୍‌ଏସି ଉପନଗରପାଳ ଗଗନ ଅଗ୍ରୱାଲ, କ୍ଲବ ସଭାପତି ଜନାର୍ଦ୍ଦନ ଥନାପତି, ବିଶିଷ୍ଟ ଶିଳ୍ପପତି ଜନାବ ଆକବର ଅଲ୍ଲୀ, ବ୍ୟଙ୍ଗକବି ଅର୍ଜୁନ କୁମାର ସାହୁ, ସଙ୍ଗଠକ ରାଜେଶ ଦଣ୍ଡସେନା, କୋଶଳପ୍ରେମୀ ରାଜେନ୍ଦ୍ର ଝାଙ୍କର ଓ ସାହିତ୍ୟିକ ଦେବେନ୍ଦ୍ର କୁମାର ନାଏକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇର ମହତ୍ତ୍ୱ ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସଭା ପ୍ରାରମ୍ଭରେ କଣ୍ଠଶିଳ୍ପୀ ମାନସୀ ସାହୁ, ତପସିନୀ ପଟ୍ଟନାୟକ, ସରିତା ନାଏକ ଓ ସ୍ୱର୍ଣ୍ଣକାନ୍ତି ପତି ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଯୁବ ବ୍ଲଗର ସ୍ୱପ୍ନିକା ସାହୁ, ବିଶିଷ୍ଟ ଗବେଷକ ଅଖୋଜ ଷାଣ୍ଢ, କଳାକାର ରଞ୍ଜନ କୁମାର ସା ଏବଂ ଜନପ୍ରିୟ ମାହେଶ୍ୱରୀ ସଙ୍ଗଠନକୁ କୋଶଲୀ ଭାଷା ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କାଇଁଚ ମିଡ଼ିଆ ମୁଖ୍ୟ ଗୋପୀନାଥ ଦଣ୍ଡସେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ କୋଶଲୀ କବିତା ଆସରରେ କବି ସଞ୍ଜୀବ ସେଠି, ଇଂ. ଗୋପାଳଚନ୍ଦ୍ର ମେହେର, ଗୀତାଞ୍ଜଳି ମିଶ୍ର, ଲେଖକ ରାଜୀବ ପ୍ରସାଦ ଭୋଇ, ଶ୍ରିୟାକାନ୍ତ ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସୁବର୍ଣ୍ଣପୁର ସମେତ ପଡୋଶୀ ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ବୌଦ୍ଧ ଓ ନୂଆପଡ଼ା ଜିଲାରୁ ଶତାଧିକ କବୟିତ୍ରୀ କବି ସ୍ୱରଚିତ କବିତା ପାଠ କରିଥିଲେ। ଏସବୁ କାର୍ଯ୍ୟକ୍ରମରେ ସୁଦାମ ପୁଟେଲ, ଥବୀର କର୍ମୀ, ସୁଧୀର ପଣ୍ଡା, ରୋଶନ ସାହୁ, ଲୋକନାଥ ଦଳବେହେରା, ଅଭିଜିତ ଫରିକାର, ଲୀନା ମେହେର, କାହ୍ନା ପାତ୍ର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେହିଭଳି କୁନି ନୃତ୍ୟଶିଳ୍ପୀ ଅଲିଭା ନାଏକ, ପ୍ରିୟଦର୍ଶିନୀ ଜେନା, ରିନି ନାଏକ, ସ୍ୱୀକୃତୀ ମିଶ୍ର, ଅର୍ଚ୍ଚନା କୁମ୍ଭାର ପ୍ରମୁଖ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଯଦୁମଣି କର୍ଣ୍ଣ ଓ ଦ୍ୱିତୀୟ ପର୍ଯ୍ୟାୟରେ ତ୍ରିଲୋଚନ ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କୋଶଳୀ କବି ଗରିବ ମଲ୍ଲିକ, ରୋସନ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ନୂଆଁଖାଇ ଭେଟ୍‌ଘାଟ୍ ପାଇଁ ଶୋଭାଯାତ୍ରା।

